Daily Edition:
RNI No.ODIODI/2010/33791

ଗୁରୁବାର, ୨୧ ଡିସେମ୍ବର ୨୦୧୭
ଭାଗ ୮ ସଂଖ୍ୟା ୧୨୯

Thursday, 21 December 2017
Volume VIII, Issue No 129

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଧନୁ ୬; ପୌଷ ଶୁକ୍ଳପକ୍ଷ ୩ୟା
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

# ଶ୍ରୁତି SRUTI



**ପ୍ରସଙ୍ଗ** Email : srutimedia@gmail.com

ବିବାଦୀୟ ମନ୍ତବ୍ୟ ଦେଇ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାର ଏକ ରଣନୀତି ହୋଇଛି କି ?

୨୦/୧୨

ଓଡିଶାରେ ଆଣ୍ଟି-ଇନକମ୍ବାସୀ ଫ୍ୟାକ୍ଟରର ପ୍ରାଧାନ୍ୟ ଦେଖିବାକୁ ମିଳିବ କି ?

ନା ୪୫%
ହଁ ୫୫%

## ଭିତର ପୃଷ୍ଠାରେ



ଆମେରିକାର ଜାତୀୟ ସୁରକ୍ଷା ଦସ୍ତାବିଜକୁ ଉନ୍ମୋଚିତ କଲେ ଟ୍ରମ୍ପ
ଭାରତ ଏକ ଅଗ୍ରଣୀ ବିଶ୍ୱଶକ୍ତି



ସେନାର ଆନୁନୀକିରଣରେ ମନ୍ଥରତାକୁ ନେଇ ସଂସଦୀୟ କମିଟିଙ୍କ ଉଦବେଗ



ଆମେରିକା ମନେ ପକାଇ ଦେଲା:
ହାଫିଜ ମୁଣ୍ଡ ପାଇଁ ୧ କୋଟି ଟଙ୍କା ପୁରସ୍କାର ଘୋଷିତ ହୋଇଛି

# ବାରବାଟୀରେ ଧୋନି ଓ ପାଣ୍ଡେଙ୍କ ଧମାକା



କଟକ, ୨୦/୧୨(ଶ୍ରୁମି): ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ହୋଇଥିବା ଚଳିତ ସିରିଜର ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତୀୟଦଳ ପ୍ରତିପକ୍ଷ ଶ୍ରୀଲଙ୍କା ବିପକ୍ଷରେ ଧୂଆଁଧାର ବ୍ୟାଟିଂ କରି ୨୦ ଓଭରରେ ୧୮୦ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା । ଅଧିନାୟକ ରୋହିତ ଶର୍ମା ୧୩ଟି ବଲ୍‌ରୁ ୨ଟି ଚୌକା ସହାୟତାରେ ୧୭ ରନ୍ କରି ଆଉଟ୍ ହେବା ପରେ ଲୋକେଶ ରାହୁଲ, ଶ୍ରେୟସ୍ ଆୟର ଯଥାକ୍ରମେ ୬୧ ଓ ୨୪ ରନ୍ କରିଥିଲେ। ରାହୁଲ୍ ୪୮ଟି ବଲ୍‌ରେ ୭ଟି ଚୌକା ସହ ଗୋଟିଏ ଛକା ସହାୟତାରେ ୬୧ ରନ୍ କରିଥିବାବେଳେ ଆୟର ୨୦ ବଲ୍‌ରେ ୩ଟି ଚୌକା ସହ ୨୪ ରନ୍ କରିଥିଲେ। ତେବେ ଶେଷ ପର୍ଯ୍ୟନ୍ତ ଅପରାଜିତ ଥିବା ମହେନ୍ଦ୍ର ସିଂ ଧୋନି ୨୨ ବଲ୍‌ରେ ୪ଟି ଚୌକା ଓ ଗୋଟିଏ ଛକା ସହ ୩୯ ରନ୍ କରିଥିବାବେଳେ ମନିଶ ପାଣ୍ଡେ ୧୮ଟି ବଲ୍‌ରେ ୨ଟି ଚୌକା, ୨ଟି ଛକା ସହ ୩୨ ରନ୍ କରିଥିଲେ। ଟିମ୍ ଇଣ୍ଡିଆ ମାତ୍ର ୩ ୱିକେଟ୍ ହରାଇ ୧୮୦ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ଫିଲ୍‌ଡିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତର ସ୍କୋର ଆରମ୍ଭରୁ ଅପେକ୍ଷାକୃତ ଧିମା ଥିବା ବେଳେ ଶେଷ ୫ ଓଭରରେ ଧୋନି ଓ ପାଣ୍ଡେଙ୍କ ଯୋଡି ରନ ବର୍ଷା କରିବା ସହ ଚୌକା ଛକା ମାରି ଦର୍ଶକଙ୍କ ଭରପୁର ମନୋରଂଜନ କରିଥିଲେ।

## ଖେଳାଳିଙ୍କ ଗାଡି ଅଟକିଲା ଅଧଘଣ୍ଟା

ଭୁବନେଶ୍ୱର, ୨୦/୧୨(ଶ୍ରୁମି) ଭୁବନେଶ୍ୱରରୁ ଭାରତୀୟ କ୍ରିକେଟ୍ ଦଳ ଓ ଶ୍ରୀଲଙ୍କା କ୍ରିକେଟ୍ ଦଳର ଖେଳାଳୀମାନଙ୍କୁ ନେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ୱତନ୍ତ୍ର ବସ୍ କଟକ ଅଭିମୁଖେ ଆସୁଥାଏ। ଆଗରେ ଆସୁଥିବା ଶ୍ରୀଲଙ୍କା ଦଳର ବସ ଚାଲିଯାଇଥିଲେ ହେଁ ଭାରତୀୟ ଦଳର ବସ ପ୍ରବଳ ଭିଡ ଯୋଗୁଁ କଟକ-ଭୁବନେଶ୍ୱର ମଧ୍ୟରେ ଜାତୀୟ ରାଜପଥର ତେଲେଙ୍ଗା ପେଣ୍ଠ ନିକଟରେ ପ୍ରାୟ ୩୦ ମିନିଟ୍ ଅଟକି ରହିଥିଲା। ଫଳରେ ଟିମ ନିର୍ଦ୍ଧାରିତ ସମୟର ୩୦ ମିନିଟ ପରେ ଷ୍ଟାଡିୟମରେ ପହଞ୍ଚିଥିଲା। ୨୦୧୫ ପରେ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ଏହି ପ୍ରଥମ ଅନ୍ତରାଷ୍ଟ୍ରୀୟ ଟି-୨୦ ମ୍ୟାଚ୍ ପରିପ୍ରେକ୍ଷୀରେ ଏଭଳି ଅସୁବିଧା କ୍ରୀଡ଼ାପ୍ରେମୀ ଓ ଆୟୋଜକମାନଙ୍କୁ ଚିନ୍ତିତ କରିଛି।

ସେପଟେ ଏହି ମ୍ୟାଚ୍ ଦେଖିବା ପାଇଁ ଅନ୍‌ଲାଇନ୍‌ରେ ଯେଉଁମାନେ ଟିକେଟ୍ କ୍ରୟ କରିଥିଲେ ସେମାନଙ୍କ ଟିକେଟ୍‌ରେ ସିଟ୍ ନମ୍ବର ଉଲ୍ଲେଖ ନଥିବାରୁ ପୁଲିସ ସେମାନଙ୍କୁ ଭିତରକୁ ଛାଡିନଥିଲା । ଏହାର ପ୍ରତିବାଦରେ ଦର୍ଶକମାନେ ଧାରଣା ଦେବାରୁ ଡିସିପି ହସ୍ତକ୍ଷେପ କରିଥିଲେ । ଏଭଳି ତ୍ରୁଟି ଯୋଗୁଁ ଓସିଏ ନିଜ ଭୁଲ ସ୍ୱୀକାର କରିବା ସହ ସବୁ ଟିକେଟଧାରୀଙ୍କୁ ଭିତରକୁ ଯିବାକୁ ଅନୁମତି ଦିଆଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା ।

### ବିଜେପୁର ପାଗ ବଦଳିବା ଆଶଙ୍କାରେ ବିଜେଡି ଛାନିଆ

## ନବୀନ ନିବାସରେ ବୈଠକ

ଭୁବନେ୍‌ଵର, ୨୦/୧୨(ଶ୍ରୁମି): ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳ ପରିପ୍ରେକ୍ଷୀରେ ବଦଳିଥିବା ରାଜନୈତିକ ପାଣିପାଗରେ ଆସନ୍ତା ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ହେବାକୁ ଥିବା ବିଜେପୁର ଉପନିର୍ବାଚନ ପାଇଁ ବିଜେଡି ଏହାର ସାନି ରଣନୀତି ବଦଳାଇବାକୁ ଚିନ୍ତା କରିଛି । ଏଥି ନେଇ ବୁଧବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି ବିଜେଡିର ଜରୁରୀ ରଣନୀତି ବୈଠକ। ଏଥିରେ ମାଇକ୍ରୋ ଲେବଲରେ କିପରି ବିଜେପି ଓ କଂଗ୍ରେସର ମୁକାବିଲା କରିହେବ ସେଥିନେଇ ବିଚାର ବିମର୍ଶ କରାଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ମନ୍ତ୍ରୀ, ବିଧାୟକ ଓ ବିଭିନ୍ନ ଜିଲ୍ଲାର ବରିଷ୍ଠ ନେତା ତଥା ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ। ବିଜେପୁରକୁ ହାତେଇବା ପାଇଁ ଦଳ ସବୁ ଉଦ୍ୟମ କରିବ ବୋଲି ବରଗଡ଼ ଜିଲ୍ଲା ସଭାପତି ବିଜୟ ରଞ୍ଜନ ସିଂହ ବରିହା କହିଛନ୍ତି। ନିକଟରେ ଗୁଜରାଟ ଓ ହିମାଚଳପ୍ରଦେଶରେ ଅନୁଷ୍ଠିତ ନିର୍ବାଚନ ଫଳ ଯୋଗୁଁ କାଳେ ପଶ୍ଚିମ ଓଡ଼ିଶାର ଏହି ଆସନ ପାଇଁ ଅନୁଷ୍ଠିତ ହେଉଥିବା ଉପନିର୍ବାଚନରେ ବିଜେପି ଜିତିଯିବ ସେଥିନେଇ ଆଶଙ୍କିତ ଅବସ୍ଥାରେ ଥିବା ବିଜେଡି ଆଜିର ଏହି ବୈଠକରେ ବିଚାର ବିମର୍ଶ କରିଥିବା ଜଣାପଡ଼ିଛି।

# ସଂସଦରେ ମହାନଦୀ ତାତି



ନୂଆଦିଲ୍ଲୀ ,୧୨/୧୨(ଏଜେନ୍ସି) : ମହାନଦୀ ଟ୍ରିବ୍ୟୁନାଲ ଗଠନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ କଥିତ ପକ୍ଷପାତୀ ନୀତିକୁ ବିରୋଧ କରି ବିଜେଡି ସାଂସଦମାନେ ବୁଧବାର ସଂସଦର ଉଭୟ ଗୃହରେ ସେମାନଙ୍କ ପ୍ରତିବାଦକୁ ଶାଣିତ କରିଛନ୍ତି । ଏହି ପ୍ରସଙ୍ଗରେ ସେମାନେ ଗୃହରେ ମୁଲତବୀ ଆଲୋଚନା ପାଇଁ ୩ ଦିନ ହେଲା ନୋଟିସ ଦେଉଥିଲେ । ହେଲେ ଏହାକୁ ଲୋକସଭାରେ ବାଚସ୍ପତି ଅଗ୍ରାହ୍ୟ କରି ଆସୁଥିଲେ । ତେଣୁ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ସାଂସଦମାନେ ଗୃହ ଚଳାଇ ନଦେବାକୁ ସ୍ଥିର କରିଥିଲେ । ଫଳରେ ସେମାନେ ଏକଜୁଟ ହୋଇ ଗୃହରେ ପ୍ରବଳ ହଙ୍ଗାମା କରିଥିଲେ । ଗୃହ କାର୍ଯ୍ୟ ଚାଲିବା ସମ୍ଭବ ହୋଇ ନଥିଲା । ଏଥିରେ ତୃଣମୂଳ କଂଗ୍ରେସ ଓ ବାମପନ୍ଥୀଙ୍କ ସମେତ ଛୋଟ ବଡ ୧୪ଟି ରାଜନୈତିକ ଦଳ ବିଜେଡିକୁ ସମର୍ଥନ କରିଥିଲେ । ଗୃହରେ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଥିଲା । ଫଳରେ ବାଚସ୍ପତି ସୁମିତ୍ରା ମହାଜନ ଦିନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ । ଏହା ପରେ ବିଜେଡି ସାଂସଦ ମାନେ ସଂସଦ ପରିସର ମଧ୍ୟରେ ଥିବା ଗାନ୍ଧିମୂର୍ତ୍ତି ନିକଟରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ । ପରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସେମାନେ ଏହି ପ୍ରସଙ୍ଗ ଉଠାଇଥିଲେ । ଏଥିନେଇ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କହିଥିଲେ ଯେ, ମହାନଦୀ ପ୍ରସଙ୍ଗରେ ମୁଲତବୀ ଆଲୋଚନା ନହେଲା ନାହିଁ ଅନ୍ୟ ବିଧି ବ୍ୟବସ୍ଥାରେ କିମ୍ବା ଧ୍ୟାନ ଆକର୍ଷଣକାରୀ ପ୍ରଶ୍ନ ଭାବେ ଏହା ଉପରେ ଆଲୋଚନା କରାଯାଇପାରେ । ଭର୍ତ୍ତୃହରିଙ୍କ ଏହି ପ୍ରସ୍ତାବ ଉପରେ ବାଚସ୍ପତି ବିଚାର କରିବାକୁ ରାଜି ହୋଇଥିଲେ । ଏହା ପରେ ଗୃହରେ ସ୍ୱାଭାବିକ ସ୍ଥିତି ଫେରିଥିଲା । ସେପଟେ ରାଜ୍ୟ ସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏଠାରେ ଅଧ୍ୟକ୍ଷତା କରୁଥିବା ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଓଡିଶାର ସାଂସଦମାନଙ୍କ ଦାବି ମୁତାବକ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ ମଧ୍ୟ ଅନ୍ୟ ବିଧି ବ୍ୟବସ୍ଥାରେ ଆଲୋଚନା ପାଇଁ ରାଜି ହୋଇଥିଲେ। ମହାନଦୀ ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ଆଲୋଚନା ହେବା ଉଚିତ ବୋଲି ସେ କହିଥିଲେ। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁଦିନ ଏହା ଉପରେ ଆଲୋଚନା ହେବ ତାହା ଅଧ୍ୟକ୍ଷ ନିଷ୍ପତ୍ତି ନେବେ ବୋଲି କୁହାଯାଇଥିଲା।

## ଘରୋଇ ମେଡିକାଲ୍ କଲେଜ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

ଭୁବନେଶ୍ୱର, ୨୦/୧୨(ଶ୍ରୁମି) ରାଜଧାନୀର ଏକ ଘରୋଇ ମେଡିକାଲ୍ କଲେଜର ପ୍ରଥମ ବର୍ଷର ଛାତ୍ରୀଙ୍କୁ ସେହି କଲେଜର ଜଣେ ପିଅନ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୁକ୍ତ ପିଅନ ମନୋଜ ଖଟୁଆକୁ ଗିରଫ କରିଛି। ତେବେ ଅଭିଯୁକ୍ତ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛି। ସେ କହିଛି ସେ ହାଇଟେକ୍ ମେଡିକାଲ୍ କଲେଜରେ କାମ କରେ। ମଙ୍ଗଳବାର ରାତିରେ ସେ କ୍ୟାଣ୍ଟିନରୁ ଖାଇସାରି ଫେରୁଥିବାବେଳେ ଛାତ୍ରୀଜଣକ କ୍ୟାମ୍ପସ୍ ଭିତରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ଅସଜ୍ଜିତ ଅବସ୍ଥାରେ ଥିଲେ। ଏହାକୁ ଦେଖି ସେ ପ୍ରିନ୍ସିପାଲ୍‌ଙ୍କୁ ଜଣାଇଦେବେ ବୋଲି କହିଥିଲେ। ତେବେ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁ ଏଥିନେଇ ମନୋଜଙ୍କୁ କ୍ଷମା ମାଗିବା ସହ ଏକଥା କାହାକୁ ନଜଣାଇବା ପାଇଁ ଅନୁରୋଧ କରିଥିଲେ। ପରେ ମନୋଜ ଶୋଇବା ପାଇଁ ତାଙ୍କ କକ୍ଷକୁ ଚାଲିଆସିଥିଲେ। ତେବେ ରାତ୍ରି ପ୍ରାୟ ୪ଟା ସମୟରେ କିଛି ଅଜ୍ଞାତ ଲୋକ ମନୋଜଙ୍କୁ ତାଙ୍କ କକ୍ଷରୁ ଉଠାଇ ନେଇ ଧମକ ଦେବା ସହ ତାଙ୍କ ବିରୁଦ୍ଧରେ ବଳାତ୍କାର ଅଭିଯୋଗ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ତେବେ ଏହି ଘଟଣାର ପ୍ରକୃତ ରହସ୍ୟ କଣ ତାହା ଜାଣିବାକୁ ପୁଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି।

# ନର୍ସଙ୍କ ଆନ୍ଦୋଳନ ଯୋଗୁଁ ରୋଗୀ ହନ୍ତସନ୍ତ

ଭୁବନେଶ୍ୱର , ୨୦/୧୨(ଶ୍ରୁମି) ୭ ଦଫା ଦାବି ନେଇ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ନର୍ସିଂ ସଂଘର ଆନ୍ଦୋଳନ ବୁଧବାର ୩ୟ ଦିନରେ ପହଞ୍ଚିଛି। ବୁଧବାର ମଧ୍ୟ ଶତାଧିକ ଠିକା ନର୍ସିଂ କର୍ମଚାରୀ ଭୁବନେଶ୍ୱର ଲୋୟର ପିଏମଜି ଠାରେ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସି ରହିଛନ୍ତି । ସରକାର ସଂଘର ସମସ୍ତ ଦାବି ନମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ସାଧାରଣ ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ନର୍ସିଂ କର୍ମଚାରୀମାନଙ୍କର ଧାରଣା ଯୋଗୁଁ ରାଜ୍ୟବ୍ୟାପୀ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। କଟକ ବଡ ମେଡିକାଲ ଓ କ୍ୟାପିଟାଲ ହସ୍ପିଟାଲ ସମେତ ରାଜ୍ୟର ଅଧିକାଂଶ ସରକାରୀ ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ ହୋଇଛନ୍ତି । ଷ୍ଟାଫ ନର୍ସଙ୍କୁ ୬ବର୍ଷ ପରେ ନିୟମିତ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ, ଠିକ୍ ସମୟରେ ପଦୋନ୍ନତି, ଆର.ଏ.ସି.ପି. ୧.୧.୨୦୧୩ରୁ ପ୍ରଦାନ କରିବା, କାର୍ଯ୍ୟରେ ଥିବା ସମୟରେ ସୁରକ୍ଷା ଯୋଗାଇଦେବା , କ୍ୟାମ୍ପସରେ ଘରଭଡ଼ା ଯୋଗାଇଦେବା ଏବଂ ନର୍ସିଂ ସେବାରେ ଠିକା ବ୍ୟବସ୍ଥା ଉଚ୍ଛେଦ କରିବାକୁ ସଂଘ ଦାବି କରିଛି । ସୋମବାର ଠାରୁ ନର୍ସିଂ କର୍ମଚାରୀମାନେ ମହାତ୍ମା ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦେଉଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ସରକାରୀ ହସ୍‌ପିଟାଲ୍‌ଗୁଡ଼ିକରେ ଜାତୀୟ ସ୍ୱାସ୍ଥ୍ୟମିଶନ ଅଧିନରେ କାର୍ଯ୍ୟରତ ପ୍ରାୟ ୨ ହଜାର ଷ୍ଟାଫ୍ ନର୍ସମାନଙ୍କ ଦାବି ପୂରଣ ପାଇଁ ସରକାର ଆଉ ୬ ମାସ ମହଲତ ମାଗିଥିଲେ। ତେବେ ସଂଘ ପକ୍ଷରୁ ସରକାରଙ୍କ ଏଭଳି ଅନୁରୋଧକୁ ଅଗ୍ରାହ୍ୟ କରିଦିଆଯାଇଛି। ଏହି ଆନ୍ଦୋଳନରେ ବୁଧବାରଠାରୁ ନିଖିଳ ଓଡ଼ିଶା ନର୍ସିଂ ସଂଘ ମଧ୍ୟ ଯୋଗଦେବା ଫଳରେ ରାଜ୍ୟରେ ସରକାରୀ ହସ୍‌ପିଟାଲ୍‌ଗୁଡ଼ିକରେ ସ୍ୱାସ୍ଥ୍ୟସେବାରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାରୀ ହସ୍‌ପିଟାଲ୍‌ରେ ଥିବା ଗୁରୁତର ରୋଗୀମାନଙ୍କୁ ଘରୋଇ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦିଆଯାଇଛି।

# ୧୭୬ଜଣ ବାବୁଙ୍କୁ ବାଧ୍ୟତାମୂଳକ ଅବସର

ନୂଆଦିଲ୍ଲୀ, ୨୦/୧୨(ଏଜେନ୍ସି) କେନ୍ଦ୍ରର ଏନ୍‌ଡିଏ ସରକାର କାର୍ଯ୍ୟରେ ଅବହେଳା କରୁଥିବା ଓ ଆଦୌ କାମ କରୁନଥିବା ୧୭୬ ଜଣ ଉଚ୍ଚପଦାଧିକାରୀଙ୍କୁ ଜନସ୍ୱାର୍ଥ ନାମରେ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଲୋକସଭାରେ ବୁଧବାର ଦିଆଯାଇଥିବା ସୂଚନା ମୁତାବକ କେନ୍ଦ୍ର ସରକାରଙ୍କ ପ୍ରଶାସନିକ ଚାକିରିରେ ଥିବା ପ୍ରଥମ ଶ୍ରେଣୀର ୫୩ ଜଣ ଅଧିକାରୀ, ଦ୍ୱିତୀୟ ଶ୍ରେଣୀର ୧୨୩ ଜଣ ଅଧିକାରୀଙ୍କୁ ଅବସର ଦିଆଯାଇଛି। ଆର୍ଥିକ ଆଇନ୍ ୫୬ (ଜେ) ଧାରାରେ ଏହି ସରକାରୀ ଅଧିକାରୀମାନଙ୍କ ବିରୁଦ୍ଧରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଦର୍ଶାଯାଇଛି। ୨୦୧୪ ଜୁଲାଇ ପହିଲାରୁ ୨୦୧୭ ଅକ୍ଟୋବର ୩୧ ମଧ୍ୟରେ କାର୍ଯ୍ୟରେ ଅବହେଳା ଅଥବା ଆଦୌ କାର୍ଯ୍ୟ କରୁନଥିବା ଏଭଳି ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲୋକସଭାରେ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି। ଆର୍ଥିକ ଆଇନ୍ ୫୬ (ଜେ) ଅନ୍ତର୍ଗତ ସରକାରୀ ଚାକିରିଆଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ଦୁଇଥର ସମୀକ୍ଷା କରାଯାଇଥାଏ। ଚାକିରିକାଳର ୧୫ ବର୍ଷ ପରେ ପ୍ରଥମେ ଓ ୨୫ ବର୍ଷ ପରେ ଦ୍ୱିତୀୟ ଥର ସମୀକ୍ଷା କରାଯାଏ। ଏହି ଆଧାରରେ କାର୍ମିକ ମନ୍ତ୍ରାଳୟ ପକ୍ଷରୁ ୧୧,୮୨୮ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ କାର୍ଯ୍ୟ ଓ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୫୯୩ ଜଣ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଥିଲେ। ସେହିପରି ୧୯,୭୧୪ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

## ଆଜି ଆର୍.କେ ନଗର ଉପନିର୍ବାଚନ

### ଜୟାଟିଭି ଉପରେ ଇସିଙ୍କ କଟକଣା

ଚେନ୍ନଇ, ୨୪/୧୧(ଏଜେନ୍ସି) : ଗତ ବର୍ଷ ଡିସେମ୍ବର ୫ରେ ତାମିଲନାଡୁର କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁ ପରେ ତାଙ୍କ ବିଧାନସଭା ନିର୍ବାଚନ ମଣ୍ଡଳୀ ଆର୍.କେ ନଗରରେ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହେବ । ବ୍ୟାପକ ଅର୍ଥ କାରବାରକୁ ନେଇ ପୂର୍ବରୁ ଗତ ଏପ୍ରିଲ ୧୨ରେ ହେବାକୁ ଥିବା ଉପନିର୍ବାଚନକୁ ବାତିଲ କରିଦିଆଯାଇଥିଲା । ଉକ୍ତ ଉପନିର୍ବାଚନରେ ଭୋଟ୍ ପାଇଁ ବିପୁଳ ନୋଟ୍ ବଣ୍ଟା ଯାଉଥିବା ଅଭିଯୋଗ ହୋଇଥିଲା । ଏହା ପରେ ସାନି ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଥିଲା । ଗୁରୁବାର ଏଠାରେ ଭୋଟ ହେବ ଓ ୨୪ରେ ଫଳ ପ୍ରକାଶ ପାଇବ । ସେପଟେ ଜୟଲଳିତା ଅସୁସ୍ଥ ଥିବା ସମୟରେ ହସପିଟାଲରେ ଜୁସ ପିଉ ଥିବାର ଏକ ଭିଡିଓ ଜୟା ଟିଭିରେ ପ୍ରସାର କରାଯାଉଥିବାରୁ ଏହା ଉପରେ ଇସି କଟକଣା ଲଗାଇଛନ୍ତି ।

## ସରକାରୀ କଂଟ୍ରୋଲ ଦୋକାନୀ ମାନଙ୍କର ଆନ୍ଦୋଳନ ଆସନ୍ତା ୨୩ରେ

ଭୁବନେଶ୍ୱର, ୨୦/୧୨(କଧଭବଶ) ୫ ଦଫା ଦାବି ନେଇ ଆସନ୍ତା ଡିସେମ୍ବର ୨୩ ତାରିଖରେ ସରକାରୀ କଂଟ୍ରୋଲ ଦୋକାନୀ ମାନଙ୍କର ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ । ପ୍ରାଇଭେଟ୍ ରିଟେଲର ମାନଙ୍କର ସ୍ଥାୟିତ୍ୱ , କମିଶନ୍ ବୃଦ୍ଧି ଓ ପ୍ରକୃତ ପରିବହନ ଖର୍ଚ୍ଚ ପ୍ରଦାନ ଆଦି ଦାବି ନେଇ ଓଡିଶା ରିଟେଲର ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ସଭାପତି ନଗେନ୍ଦ୍ର ଜେନା ସୂଚନା ଦେଇଛନ୍ତି । ମଙ୍ଗଳବାର ଦିନ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ ଯେ ଓଡିଶା ରାଜ୍ୟ ସାଧାରଣ ବଂଟନ ବ୍ୟବସ୍ଥାକୁ ସଫଳ କରାଉଥିବା ରିଟେଲର ଓ ଅବୈତନିକ କର୍ମଚାରୀ ମାନେ କେବଳ କମିଶନ୍ ପାଉଛନ୍ତି। ମାତ୍ର ସରକାର ବାରମ୍ବାର ପ୍ରାଇଭେଟ୍ ରିଟେଲର ମାନଙ୍କୁ ଉପେକ୍ଷା କରିଆସୁଛନ୍ତି । ତେଣୁ କାର୍ଯ୍ୟରତ ପ୍ରାଇଭେଟ୍ ରିଟେଲର ମାନଙ୍କୁ ସ୍ଥାୟୀ କରିବା , କିରୋସିନ ତେଲ ବଂଟନରେ ସର୍ଟେଜ୍ , ଲିକେଜ୍ ପ୍ରଦାନ କରିବା ସହ ପ୍ରକୃତ ପରିବହନ ଖର୍ଚ୍ଚ ପ୍ରଦାନ କରିବା , କମିଶନ୍ ବୃଦ୍ଧି ସହ ଘରଭଡା ଓ ବିଦ୍ୟୁତ୍ ଶୁଳ୍କ ପ୍ରଦାନ କରିବା , ଖାଦ୍ୟ ନିରାପତା ଆଇନ୍ ପରିସର ବାହାରେ ଥିବା ଖାଉଟି ମାନଙ୍କୁ ଗହମ ଓ କିରୋସିନ ଯୋଗାଇଦେବା ଏବଂ ସମସ୍ତ ପରିବାରକୁ ଚିନି , ଖାଇବା ତେଲ ଆଦି କଂଟ୍ରୋଲ ଦୋକାନ ମାଧ୍ୟମରେ ଯୋଗାଇବାକୁ ସଂଘ ଦାବି କରିଛି । ଉପରୋକ୍ତ ଦାବି ଗୁଡିକୁ ନେଇ ସଂଘ ପକ୍ଷରୁ ଆସନ୍ତା ୨୩ ତାରିଖରେ ଏକ ଶୋଭାଯାତ୍ରା ଆୟୋଜିତ ହେବ । ଭୁବନେଶ୍ୱର ରେଳଷ୍ଟେସନ୍ ଠାରୁ ସଂଘର ଏକ ବିରାଟ ଶୋଭାଯାତ୍ରା ବାହାରି ଲୋୟର ପିଏମଜିରେ ପହଂଚିବା ପରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସଭାରେ ସର୍ବଭାରତୀୟ ରିଟେଲର ମହାସଂଘର ସାଧାରଣ ସମ୍ପାଦକ ବିଶେଶ୍ୱର ବସୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

# ବ୍ରାହ୍ମଣଙ୍କ ବିରୋଧରେ ଦାମଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଉତ୍ତେଜନା



ପୁରୀ/ଭୁବନେଶ୍ୱର, ୨୦/୧୨(ଶ୍ରୁମି): 'ବ୍ରାହ୍ମଣମାନେ ଭିକ ମାଗନ୍ତି' - କୃଷିମନ୍ତ୍ରୀ ଡ. ଦାମ ରାଉତଙ୍କ ଏଭଳି ବିବାଦୀୟ ମନ୍ତବ୍ୟକୁ ନେଇ ବ୍ରାହ୍ମଣ ସମାଜ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ଓ ମୁକ୍ତିମଣ୍ଡପ ବ୍ରାହ୍ମଣ ମହାସଭା ପକ୍ଷରୁ ବୁଧବାର ଦାମଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ସେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ଓ ନିଜ ଅପରାଧର ମାର୍ଜନା ପାଇଁ ମୁକ୍ତିମଣ୍ଡପକୁ ଆସି ପ୍ରାୟଶ୍ଚିତ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ତେବେ ଏହି ପ୍ରସଙ୍ଗରେ ଦାମ କହିଛନ୍ତି ଯେ ସେ କୌଣସି ଭୁଲ୍ କଥା କହିନାହାନ୍ତି; ତେଣୁ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ରାଜନୈତିକ ଉଦ୍ଦେଶ୍ୟ ଯୋଗୁଁ ଏଭଳି ବିବାଦ ସୃଷ୍ଟି କରାଯାଉଛି। ପ୍ରକାଶଯୋଗ୍ୟ ଯେ ଦାମ ରାଉତ ମାଲ୍‌କାନ୍‌ଗିରିରେ ଆୟୋଜିତ ଏକ ଉତ୍ସବ ଅବସରରେ କହିଥିଲେ ଯେ ଆଦିବାସୀମାନେ କେବେହେଲେ କାହା ନିକଟରେ ହାତ ପତାନ୍ତି ନାହିଁ ବରଂ ବ୍ରାହ୍ମଣମାନେ ବସଷ୍ଟାଣ୍ଡରେ ପାଞ୍ଚ ପଇସା ପାଇଁ ହାତ ପତାଇ ଭିକ ମାଗନ୍ତି।



## ନୀତିଶ୍ଲୋକ

**ଓଁ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ॥**

**'ଓଁ, ତତ୍ ଓ ସତ୍'-ଏହି ତିନୋଟି ନାମରେ ଯେଉଁ ପରମାତ୍ମାଙ୍କୁ ସୂଚିତ କରାଯାଇଛି, ସେହି ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ପ୍ରାରମ୍ଭରେ ସମସ୍ତ ବେଦ, ବ୍ରାହ୍ମଣ ଓ ଯଜ୍ଞ ସୃଷ୍ଟି ହୋଇଛନ୍ତି ।**

# ଯୋଜନାର ଲାଭ ଲୋକଙ୍କ ନିକଟରେ ପହଞ୍ଚୁ

ସ୍ୱାସ୍ଥ୍ୟସେବା ଧୀରେଧୀରେ ଅତ୍ୟନ୍ତ ବ୍ୟୟବହୁଳ ହେଉଛି । ସରକାର ଏ ଦିଗରେ ଯେତେ ପଦକ୍ଷେପ ନେଲେ ବି ତାହା ଜନସାଧାରଣଙ୍କ ପାଇଁ ଯଥେଷ୍ଟ ମନେହେଉ ନାହିଁ। ଡାକ୍ତରଖାନାରେ ଯେତେ ବ୍ୟବସ୍ଥା କରାଗଲେ ବି ଲୋକଙ୍କୁ ଏ ପର୍ଯ୍ୟନ୍ତ ଉପଯୁକ୍ତ ସେବା ଯୋଗାଇଦେବା ସମ୍ଭବ ହୋଇପାରୁନାହିଁ। କୋଟିକୋଟି ଟଙ୍କାର ଯନ୍ତ୍ରପାତି ନିର୍ଦ୍ଦିଷ୍ଟ ଡାକ୍ତରଙ୍କ ଅଭାବରୁ ଡାକ୍ତରଖାନାଗୁଡ଼ିକରେ ପଡ଼ିପଡ଼ି ଖତ ଖାଉଥିବାବେଳେ ରୋଗୀମାନେ ସେଇ ସେବା ନପାଇ ହନ୍ତସନ୍ତ ହେଉଛନ୍ତି। ଖୋଜିଲେ ପ୍ରତ୍ୟହ ଏଭଳି ଉଦାହରଣ ଢେର୍ ମିଳିବ। ଓଡ଼ିଶା ଭଳି ଏକ ଗରିବ ରାଜ୍ୟର ଲୋକଙ୍କ ପାଇଁ ଉଚ୍ଚ ମାନର ଔଷଧ କିଣିବା କାଠିକର ପାଠ। ଲୋକେ ମଧୁମେହ, ରକ୍ତଚାପ, ହୃଦ୍‌ରୋଗ ଆଦି ରୋଗର ଚିକିତ୍ସା ପାଇଁ ନିଜର ଜମିବାଡ଼ି ବିକି ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ଔଷଧ କିଣିବା ପାଇଁ ବି ଲକ୍ଷଲକ୍ଷ ଲୋକଙ୍କ ନିକଟରେ ସମ୍ବଳ ନାହିଁ। ଏପରି ସ୍ଥଳେ ରାଜ୍ୟ ସରକାର ଭିନ୍ନ ଭିନ୍ନ ଯୋଜନାରେ ରୋଗୀଙ୍କୁ ଉପକୃତ କରାଇବା ପାଇଁ ପ୍ରୟାସ କରୁଛନ୍ତି । ଏହି ପ୍ରୟାସ ଖୁବ ସ୍ୱାଗତଯୋଗ୍ୟ । ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କର ଏଭଳି ଆଉ ଏକ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଗୁଡିକ ମଧ୍ୟରେ ବିନା ଦେୟରେ ରୋଗ ନିରୁପଣ ସେବା ନିଦାନ ଏବଂ ଡାଇଲିସିସ ସେବା ସହାୟ, ଆମ କ୍ଲିନିକ ସେବା, ଏ.ଏନଏମ ଅନମୋଲ ( ଏ.ଏନଏମ) ଅନଲାଇନ କଂପ୍ୟୁଟର ଟାବଲେଟ ସେବା ଅନ୍ୟତମ । କୁହାଯାଇଛି ଯେ , ସହରାଂଚଳରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ଭଲ କରିବାକୁ ଆଇଏମଏ କ୍ଲିନିକ ଯୋଜନାରେ ଅତିରିକ୍ତ ସେବା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ଏହି ଯୋଜନାରେ ସପ୍ତାହରେ ଥରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସହରାଂଚଳର ଗରୀବ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯିବ । ବିଶେଷଜ୍ଞ ସେବା ମଧ୍ୟରେ ସ୍ତ୍ରୀ ରୋଗ, ପ୍ରସୂତୀ, ଶିଶୁ ରୋଗ, ପୁଷ୍ଟି, ଭେଷଜ ଓ ଜରା ରୋଗ କିଶୋର ମାନଙ୍କ ନିମନ୍ତେ ଚିକିତ୍ସା, ମାନସିକ ରୋଗ ଚିକିତ୍ସା, ଚକ୍ଷୁରୋଗ ଚିକିତ୍ସା ଓ ଫିଜିଓଥେରାପି ସେବା ରହିଛି । ସେହିପରି କୁହାଯାଇଛି ଯେ, ନିଦାନ ଯୋଜନା ଆଗାମୀ ଜାନୁଆରୀ ପହିଲାରୁ ଆରମ୍ଭ ହେବ । ଏହି ଯୋଜନାରେ ଡାଇଗ୍ନୋସିସ ସେବା ବିନା ଦେୟରେ ରୋଗୀ ମାନଙ୍କୁ ପ୍ରଦାନ କରାଯିବ । ମାର୍ଚ୍ଚ ୨୦୧୮ରୁ ପିପିପି ମୋଡରେ ଜେନେରାଲ ପାଥୋଲାଜି ସେବା ଡିଜିଟାଲ ଏକ୍ସରେ, ସିଟି ସ୍କାନ, ଓ ଏମଆରଆଇ ସେବା ବିନା ଦେୟରେ ଉପଲବ୍ଧ ହେବ । ସେହିପରି ସହାୟ ସେବା ଜରିଆରେ ରାଜ୍ୟ ସରକାର ଆଗାମୀ ଜାନୁଆରୀ ପହିଲାରୁ ରୋଗୀ ମାନଙ୍କୁ ବିନା ଦେୟରେ ଡାଇଲିସିସ ସେବା ପ୍ରଦାନ କରିବେ । ୨୫ଟି ଜିଲ୍ଲା ମୁଖ୍ୟାଳୟ ହସପିଟାଲରେ ୧୨୭ଟି ଡାଇଲିସିସ ମେସିନ ଲଗାଯିବ । ରାଜ୍ୟ ସରକାର ଆଗାମୀ ୫ ବର୍ଷ ମଧ୍ୟରେ ଡାଇଗ୍ନୋଷ୍ଟିକ ଓ ଡାଇଲିସିସ ସେବାକୁ ବିନା ଦେୟରେ ପ୍ରଦାନ କରିବାକୁ ୬୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ପ୍ରତ୍ୟେକ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କରିବା ଯେକୌଣସି ଜନମଙ୍ଗଳକାରୀ ସରକାରଙ୍କର ପ୍ରାଥମିକ କର୍ତ୍ତବ୍ୟ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'ନିରାମୟ' , ନିଦାନ ଓ ସହାୟ ଭଳି ଅନେକ ଯୋଜନା ଆରମ୍ଭ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିରେ ରୋଗୀମାନଙ୍କୁ ମାଗଣାରେ ଗୁଣାତ୍ମକ ଔଷଧ ବିତରଣ କରିବା ଓ ରୋଗ ନିରୂପଣ କରିବା ଭଲ କାମ। କିନ୍ତୁ ଏଭଳି ଯୋଜନା ସତ୍ତ୍ୱେ ଓଡିଶାର ଗ୍ରାମାଞ୍ଚଳରେ କାହାକୁ କୌଣସି ରୋଗ ହେଲେ ସେମାନଙ୍କ ପାଖରେ ସରକାରୀ ସ୍ୱାସ୍ଥ୍ୟସେବା ପହଞ୍ଚିପାରେ ନାହିଁ। ସେପରି ସ୍ଥଳେ ୭୦ ଶତାଂଶ ଗ୍ରାମାଞ୍ଚଳବାସୀ ଘରୋଇ ସ୍ୱାସ୍ଥ୍ୟସେବା ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି। ଏହାଦ୍ୱାରା ସେମାନେ ତଳିତଳାନ୍ତ ହୋଇଯାଆନ୍ତି, କାରଣ ସରକାରୀ ଡାକ୍ତରଖାନା ଖର୍ଚ୍ଚଠାରୁ ସେମାନଙ୍କୁ ୪ରୁ ୧୦ ଗୁଣ ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନ (ଏନ୍‌ଏସ୍‌ଏସ୍‌ଓ) ସର୍ବେକ୍ଷଣ ଅନୁସାରେ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଉପଯୋଗ କରୁଥିବା ଗ୍ରାମାଞ୍ଚଳର ଲୋକଙ୍କୁ ବାର୍ଷିକ ହାରାହାରି ୫,୬୩୬ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ଯେଉଁମାନେ ଘରୋଇ ସ୍ୱାସ୍ଥ୍ୟସେବା ଗ୍ରହଣ କରୁଛନ୍ତି ସେମାନଙ୍କୁ ହାରାହାରି ୨୧,୭୨୬ ଟଙ୍କା ପଇଠ କରିବାକୁ ହେଉଛି। ସର୍ବେକ୍ଷଣରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ରୋଗ ହେଲେ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିଲେ ହେଁ ଦେଶର ଗ୍ରାମାଞ୍ଚଳର ୮୬ ଶତାଂଶ ଓ ସହରାଞ୍ଚଳର ୮୨ ଶତାଂଶ ଲୋକ କୌଣସି ପ୍ରକାରର ସ୍ୱାସ୍ଥ୍ୟବୀମା ସହ ସମ୍ପୃକ୍ତ ହୋଇ ନାହାନ୍ତି। ଏପରିସ୍ଥଳେ ପରିବାରର କାହାକୁ ଯଦି କୌଣସି ଦୁରାରୋଗ୍ୟ ବ୍ୟାଧି ହୁଏ, ତେବେ ତାହା ସମଗ୍ର ପରିବାର ପାଇଁ ବିପଜ୍ଜନକ ହୋଇପଡ଼େ। ଏହି ପରିସ୍ଥିତିରେ ଲୋକେ ନିଜର ଜମିବାଡ଼ି, ଏପରିକି ଘରଦ୍ୱାର ସର୍ବସ୍ୱ ବିକି ରୋଗୀକୁ ବଞ୍ଚାଇବାକୁ ଚେଷ୍ଟା କରନ୍ତି ଓ ଶେଷରେ ସେମାନଙ୍କୁ ହନ୍ତସନ୍ତ ହେବାକୁ ପଡ଼େ। କୌଣସି ପ୍ରକାରର ସ୍ୱାସ୍ଥ୍ୟବୀମା ଥିଲେ ହୁଏତ ସେମାନଙ୍କୁ ଏତେ ହୀନସ୍ତା ହେବାକୁ ପଡ଼ନ୍ତା ନାହିଁ। ସରକାର ଏବେ ନୂଆ ନୂଆ ଯୋଜନା ସବୁ କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଜନସାଧାରଣ କେତେ ଲାଭବାନ ହେବେ, ତାହା ଜଣାନାହିଁ। କିନ୍ତୁ ବାସ୍ତବତା ଭିନ୍ନ । ପୂର୍ବରୁ ପ୍ରଚଳିତ ଯୋଜନା ଗୁଡିକ ଫେଲ ହୋଇଛି । ନିରାମୟ ଯୋଜନାରେ ମାଗଣା ଔଷଧ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ। ଏହି ଯୋଜନାରେ ଔଷଧ ମଧ୍ୟ କିଣା ହେଉଛି । କିନ୍ତୁ ସେସବୁ ରୋଗ ନିରାକରଣରେ ଲାଗୁ ନାହିଁ ; ବରଂ କିଛି ମାସ ସାଇତି ରଖାଯିବା ପରେ ନଳାକଡ , ପୋଖରୀ ହୁଡା ବା ଜଙ୍ଗଲରେ ଫିଙ୍ଗି ଦିଆଯାଉଥିବା ଦେଖିବାକୁ ମିଳୁଛି । ସେହିପରି କଟକ ବଡ ମେଡିକାଲ କଲେଜଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ହସପିଟାଲରେ ଲକ୍ଷ ଲକ୍ଷ ଟଙ୍କାର ଦାମୀ ମେସିନ ବିଲକୁଲ ଖୋଲା ନହୋଇ ଖତ ଖାଉଛି । ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ୟା ଜର୍ଜରିତ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷାର ଗୁରୁଦାୟିତ୍ୱ ବହନ କରିଥିବା ଏହି ବିଭାଗ ବିଭିନ୍ନ କାରଣରୁ ଏତେ ଅସୁସ୍ଥ ଓ ଦୁର୍ବଳ ଯେ ନିଜ ସମସ୍ୟାର ମୁକାବିଲା କରିବା ଅବସ୍ଥାରେ ଏହା ନାହିଁ କହିଲେ ଚଳେ । ଅତଏବ ନିଜର ସ୍ଥିରୀକୃତ ଦାୟିତ୍ୱ ସଂପାଦନରେ ଏହା ଯେ ସଫଳ ହେବ, ସେ ଆଶା ମଉଳି ଯାଉଛି । ସରକାରୀ ହସପିଟାଲର ସୁରକ୍ଷିତ ବାତାବରଣ ଏକ ଅଗ୍ରାଧିକାର କ୍ଷେତ୍ର ହୋଇଥିବା ସତ୍ତ୍ୱେ ନିୟମିତ ଭାବେ ଏଥିରେ ବ୍ୟତିକ୍ରମ ଘଟୁଛି । କେଉଁଠି ରୋଗୀଙ୍କ ଉପରେ ବିଜୁଳି ପଙ୍ଖା, ଛାତ ପଲସ୍ତରା ଖସିଛି ତ କେଉଁଠି ଓ୍ୱାର୍ଡ଼ରେ ଅଗ୍ନିକାଣ୍ଡ ଘଟୁଛି । ଏସବୁର ଦେଖାଶୁଣା ଓ ତତ୍ତ୍ୱାବଧାନ ପାଇଁ ଯେମିତି କେହି ନାହିଁ । ତେବେ ଯୋଜନା କରିଦେଲେ ବା ଦୁଇ ଚାରିଦିନ ତାହାକୁ ଚଳାଇଦେଲେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସରକାର ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟସେବକ/ସେବିକାଙ୍କୁ ନିଯୁକ୍ତି ଦେଇଛନ୍ତି; ତଥାପି ବହୁ ଲୋକ ଏବେ ବି ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଥିଲାବାଲା ସରକାରୀ ଡାକ୍ତରଖାନାର ଅବ୍ୟବସ୍ଥା ହେତୁ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି। ଗରିବଗୁରୁବା ଉପଯୁକ୍ତ ଚିକିତ୍ସା ସେବାରୁ ବଞ୍ଚିତ ହୋଇ ଅର୍ଥାତ ଘରୋଇ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁପଥର ପଥିକ ହେଉଛନ୍ତି। ବହୁ ସରକାରୀ ଡାକ୍ତରଖାନାରେ କୋଟିକୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ରହିଥିଲେ ହେଁ ସେଗୁଡ଼ିକୁ ଚଳାଇବା ପାଇଁ କର୍ମଚାରୀ ନାହାନ୍ତି। ତେଣୁ ରୋଗୀମାନେ ପରୀକ୍ଷା ପାଇଁ ମହରଗ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏ କ୍ଷେତ୍ରରେ ସବୁଠୁ ବଡ଼ ସମସ୍ୟା ଡାକ୍ତରମାନଙ୍କ ମନୋବୃତ୍ତି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ସରକାରୀ ଡାକ୍ତରଖାନାରେ କାର୍ଯ୍ୟ କରୁଥିବା ଅଧିକାଂଶ ଡାକ୍ତର ଘରୋଇ ଭାବେ ନିଜେ କ୍ଲିନିକ୍ ଖୋଲି ବସୁଛନ୍ତି କିମ୍ବା ଅନ୍ୟ କେଉଁଠି ନିଜର ଡେରା ପକାଇଛନ୍ତି। ତେଣୁ ସେମାନେ ନିଜର ଲାଭ ପାଇଁ ଚିକିତ୍ସାକୁ ବ୍ୟବସାୟ କରିବା ବିଚିତ୍ର ନୁହେଁ। ସେମାନେ ସରକାରୀ ଡାକ୍ତରଖାନାକୁ ଯାଇଥିବା ରୋଗୀଙ୍କୁ ବିଭିନ୍ନ ଆଳ ଦେଖାଇ ସେଠାରୁ ବିଦା କରି ଦଲାଲଙ୍କ ଜରିଆରେ ଘରୋଇ ଡାକ୍ତରଖାନାକୁ ପଠାଇ ଦେଉଛନ୍ତି। ବର୍ତ୍ତମାନ ଏହା ଏକ ସାର୍ବଜନୀନ ସମସ୍ୟାରେ ପରିଣତ ହୋଇଛି। ଏଭଳି ଡାକ୍ତରମାନଙ୍କୁ ଲଗାମ ଦେବାପାଇଁ ସରକାରଙ୍କର କୌଣସି ବ୍ୟବସ୍ଥା ନାହିଁ ବା ଥିଲେ ବି ତାହା ଅଚଳ। ତେଣୁ ପୂର୍ବରୁ ପ୍ରଚଳିତ ଯୋଜନା ଗୁଡିକ କିଭଳି ସଫଳ ହେବ ଓ ତାହାର ଲାଭ ଲୋକଙ୍କ ନିକଟରେ ପହଞ୍ଚିବ ତାହା ସରକାର ନିଶ୍ଚିତ କରିବା ଉଚିତ । କେବଳ ଲୋକପ୍ରିୟତା ପାଇଁ ଯୋଜନା ଉପରେ ଯୋଜନା କରିଦେବା ଲାଭ ପ୍ରଦ ହେବ ନାହିଁ । ସାର୍ବଜନୀନ ସ୍ୱାସ୍ଥ୍ୟସେବା ପାଇଁ ଯେଉଁ ଯୋଜନାଗୁଡ଼ିକ କରାଯାଇଛି, ତା'ର ଉଚିତ କାର୍ଯ୍ୟାନ୍ୱୟନ କରାଯିବା ଆବଶ୍ୟକ। ତା' ସହିତ ସେଗୁଡ଼ିକ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଜରୁରୀ, ଯେଭଳି ସାଧାରଣ ଲୋକେ ତା'ର ଲାଭ ଉଠାଇପାରିବେ।

### ଭାଷାର ମୃତ୍ୟୁ !!

# ଭାରତରେ ୫୦ ବର୍ଷରେ ୨୫୦ ଭାଷା ଲୁପ୍ତ

**ଅଭୟ କୁମାର ଦାସ**

ଭାରତରେ ଏବେ ପ୍ରାୟ ୮୫୦ ଭାଷାଭାଷୀ ଲୋକ ବସବାସ କରୁଛନ୍ତି । ଗତ ପଚାଶ ବର୍ଷରେ ପ୍ରାୟ ୨୫୦ ଭାଷା ସ□ା ହରାଇଥିବା ଜଣାଯାଇଛି । ପ୍ରଖ୍ୟାତ ଭାଷାତ□ବିତ୍ ଗଣେଶ ଦେବୀଙ୍କ ସଂଗଠନ 'ଭାଷା ଗବେଷଣା ଓ ପ୍ରକାଶନ କେନ୍ଦ୍ର' ତରଫରୁ 'ଭାରତୀୟ ଭାଷା ସର୍ବେକ୍ଷଣ'ରେ ଏହି ତଥ୍ୟ ପ୍ରକାଶିତ ହୋଇଛି । ବ୍ରିଟିଶ ଶାସନ ଅମଳରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଜନ୍ ଆବ୍ରାହମ୍ ଗ୍ରିୟର୍ସନଙ୍କ ନେତୃତ୍ୱରେ ୧୮୯୪-୧୯୨୮ ମଧ୍ୟରେ ହୋଇଥିବା ଭାଷା ସର୍ବେକ୍ଷଣ ରିପୋର୍ଟକୁ ଟିକିନିଖି ପରୀକ୍ଷା କରି ଗଣେଶ ଦେବୀ କହିଛନ୍ତି ଯେ ଦେଶରେ ଅଳ୍ପବହୁତ କରି ୮୫୦ ଭାଷା ବ□ ରହିଛି । ସେଥିମଧ୍ୟରୁ ସଂଗଠନ ୭୫୦ଟି ଭାଷା ଉଦ୍ଧାର ଓ ଅଧ୍ୟୟନ କରିଛି । ୧୯୬୧ ଜନଗଣନାକୁ ଗୁରୁତ୍ୱ ଦେଲେ, ଅଦ୍ୟାବଧି ୨୫୦ ଭାଷା ସ□ା ହରାଇ ସାରିଲାଣି । ବଡ଼ୋଧରା ବିଶ୍ୱବିଦ୍ୟାଳୟରେ ୧୯୯୬ର ଇଂରାଜୀ ପ୍ରଫେସର ୩୬ ବର୍ଷୀୟ ଦେବୀଙ୍କ ମତରେ ସଂଗଠନ ଯେଉଁ ୭୫୦ ଭାଷା ଅଧ୍ୟୟନ କରିଛି, ସେଗୁଡ଼ିକ ଭିତରୁ ୪୦୦ଟି ଭାଷା ବ୍ୟାକରଣ ଓ ଶବ୍ଦକୋଷ ପ୍ରସ୍ତୁତ କରିଛି । ୬୮ ଅଧ୍ୟାୟ ବିଶିଷ୍ଟ ୩୫,୦୦୦ ପୃଷ୍ଠାର ରିପୋର୍ଟଟି ସ୍ୱାଧିନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଡକ୍ଟର ସାର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ପବିତ୍ର ଜନ୍ମ ଦିବସରେ ଲୋକାର୍ପିତ ହୋଇଥିଲେ ରିପୋର୍ଟରେ ପ୍ରଦର୍ଶିତ ଭାଷା ଭିତରୁ ପାଖାପାଖି ୪୦୦ଟି ଭାଷା ଆଦିବାସୀ, ପାହାଡ଼ି ଜାତି ଓ ଅଣ ଅଧିସୂଚିତ ଜନଜାତି ବ୍ୟବହାର କରନ୍ତି । ମୂଳ ହିନ୍ଦି ଭାଷାଭାଷୀ ଲୋକଙ୍କ ସଂଖ୍ୟା ପ୍ରାୟ ୪୦ କୋଟି ହୋଇଥିବାବେଳେ ସିକିମ୍‌ରେ ମାଝି ଭାଷାଭାଷୀ ଲୋକଙ୍କ ସଂଖ୍ୟା ମାତ୍ର ୪ । ରିପୋର୍ଟରେ ସେହି ଭାଷାଭାଷୀ ଲୋକମାନଙ୍କୁ ସାମିଲ କରାଯାଇଛି ଯେଉଁମାନଙ୍କ ସଂଖ୍ୟା ୧୦,୦୦୦ରୁ କମ୍ କାରଣ ୧୯୭୧ ବାଙ୍ଗାଲାଦେଶ ଯୁଦ୍ଧ ପରେ ଦେଶରେ ଭାଷାଗତ ସଂଘର୍ଷ ଆଶଙ୍କା ଜାତ ହୋଇଥିଲା । ଫଳରେ ସରକାର ସୁଚିନ୍ତିତ ଯୋଜନା କରି ୧୦,୦୦୦ରୁ କମ୍ ସଂଖ୍ୟା ବିଶିଷ୍ଟ ଭାଷାଭାଷୀ ଲୋକମାନଙ୍କୁ ବାଦ ଦେଇଥିଲେ । ତେଣୁ ୧୯୬୧ ଜନଗଣନାରେ ୧୬୫୨ ଭାଷାଭାଷୀ ଲୋକଙ୍କ ତଥ୍ୟ ଥିବାବେଳେ ୧୯୭୧ରେ ତାହା ୧୮୨କୁ ଖସିଗଲା । ୨୦୦୧ ଜନଗଣନାରେ ତାହା ପୁଣି ୧୨୨କୁ ଖସିଆସିଲା । ସୂଚନାଯୋଗ୍ୟ, ଜନଗଣନାରେ ଭାଷାକୁ ଭିନ୍ନ ପ୍ରକାରର ମାନ୍ୟତା ଦିଆଯାଇଥାଏ । ଠିକ୍ ସେଥିପାଇଁ ୧୯୬୧ରେ ଯେଉଁଠି ୧୬୫୨ ଭାଷା ସମ୍ପର୍କରେ ଦର୍ଶାଯାଇଥିଲା, ବାସ୍ତବରେ ସେଥିମଧ୍ୟରୁ ୧୧୦୦ ଭାଷାକୁ ସାଧାରଣ ଭାବେ ଗ୍ରହଣ କରାଯାଇପାରେ ।

ଆମ ଦେଶରୁ ବହୁ ଭାଷାର ମୃତ୍ୟୁ ହୋଇସାରିଲାଣି । ଏପରିକି ସାଧାରଣରେ ବ୍ୟବହୃତ ଭାଷାଗୁଡ଼ିକ ବି କେଉଁଆଡ଼େ ଉଭେଇ ଗଲାଣି । ନିକଟରେ ଏ ସମ୍ପର୍କିତ ଅନୁଧ୍ୟାନରୁ ଏହା ଜଣାପଡ଼ିଛି । ଏହା ନିଶ୍ଚିତ ଭାବେ ଏକ ଉଦ୍‌ବେଗଜନକ କଥା । କାରଣ ଭାଷା ହିଁ ଗୋଟିଏ ସଭ୍ୟତାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଏବଂ ସାଂସ୍କୃତିକ ସମନ୍ୱୟ ପ୍ରତିଷ୍ଠା କରିଥାଏ । ଗୁଜୁରାଟର ଏକ ଭାଷା ଗବେଷଣା କେନ୍ଦ୍ର ଯିଏ କି ଦୀର୍ଘ ଚାରି ବର୍ଷ ଧରି ବିସ୍ତୃତ ସର୍ଭେ କରିଛି, ଜାଣିବାକୁ ପାଇଛି ଯେ ପଚାଶ ବର୍ଷ ମଧ୍ୟରେ ବହୁ ଭାଷାର ମୃତ୍ୟୁ ହୋଇଛି । ଭାରତବର୍ଷରେ ବହୁବିଧ ଭାଷା ରହିଛି । ଏହା ଯେତିକି ବିଚିତ୍ର, ବହୁ ଭାଷା ନିରବତା ବି ସେତିକି କୌତୁହଳ । ସର୍ଭେରୁ ଜଣାପଡ଼ିଛି ଯେ, ୧୯୬୧ ମସିହା ବେଳକୁ ଦେଶରେ କଥିତ ଭାଷା ସଂଖ୍ୟା ଥିଲା ୧୧୦୦ । ବ□ମାନ କେବଳ ୮୮୦ଟି କୁ ଚିହ୍ନଟ କରାଯାଇଛି । ୨୦୦୧ ମସିହା ଜନଗଣନାରେ ଉଲ୍ଲେଖ ହୋଇଥିବା ଭାଷା ଠାରୁ ୧୨୨ ଭାଷା ଅଧିକ । ତେବେ ଅଧିକ ବୋଲି ଉଲ୍ଲେଖ କରିବାରେ କୌଣସି ପ୍ରାସଙ୍ଗିକତା ନାହିଁ । କାରଣ ଶହେ, ଦୁଇଶହ ଜଣ କଥାବା□ା କରିଥିବା ଭାଷାକୁ ବି ଏଥିରେ ସାମିଲ କରାଯାଇଛି । ଏପରିକି ମାତ୍ର ଚାରିଜଣ କଥାବା□ା ହେଉଥିବା ଭାଷା ବି ଏଥିରେ ସ୍ଥାନିତ ହୋଇଛି । ତାର ଅର୍ଥ ହେଉଛି ଏହିସବୁ ଭାଷା ଅଧିକ ଦିନ ତିଷ୍ଠି ରହିବ ନାହିଁ । ତେଣୁ ୨୦୦୧ ମସିହା ଜନଗଣନାରେ ଅଧିକ ଉତ୍ସାହିତ ହେବାର କିଛି ନାହିଁ । ଅପରପକ୍ଷେ ବହୁ ପ୍ରାନ୍ତୀୟ ବା ଆ□ଳିକ ଭାଷାର ଯେ ମୃତ୍ୟୁ ହୋଇଛି ତାହା ଏକ ସତ୍ୟସିଦ୍ଧ ବିଷୟ । ଭାଷା ହେଉଛି ସଂସ୍କୃତିର ପରିଭାଷା ଏବଂ ଐତିହାସିକ ଅଭିଜ୍ଞତାର ସଂଗ୍ରହାଳୟ । ଆହୁରି ବି କୁହାଯାଏ ଯେ, ପ୍ରତ୍ୟେକ ଭାଷା ହେଉଛି ବିଶ୍ୱର ଝର୍କା ଏବଂ ଏହାକୁ ବୁଝିବା ପାଇଁ ଏକ ଉଦ୍ୟମ । ଏପରିସ୍ଥଳେ ଭାଷାର ମୃତ୍ୟୁ ଗୋଟିଏ ସଭ୍ୟତା ପାଇଁ ଆଦୌ ଗ୍ରହଣୀୟ ନୁହେଁ ।

'ମାତୃଭୂମି ମାତୃଭାଷାରେ ମମତା ଯାହା ହୃଦୟେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ ଗଣିବା ଅଜ୍ଞାନୀ ରହିବେ ନାହିଁ'... ଓଡ଼ିଶାର ମହାମନିଷୀ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କଲମରୁ ଦିନେ ଝରିପଡ଼ିଥିଲା ଏହି ଉକ୍ତି। କିନ୍ତୁ ଆଜି ଯେମିତି ଏହା ଓଡ଼ିଆଙ୍କ ପାଇଁ ସମ୍ପୂର୍ଣ୍ଣ ଅଲୋଡ଼ା ଆଉ ଅଦରକାରୀ ହୋଇପଡ଼ିଛି। ଏବେ ଯଦି ପିଲାଟିଏ ଝୁ□ ପଡୁଛି ତା ପାଟିରୁ ଆଉ ବୋଉ ଲୋ.... ଶବ୍ଦ ବାହାରୁ ନାହିଁ। ବୋଉ ବୋଲି ଏକ ଶବ୍ଦ ଏବେ ଅପହ□। ନମସ୍କାର ବୋଲି ଗୋଟେ ସମ୍ବୋଧନ ଏବେ ଅଲୋଡ଼ା। ବର୍ଣ୍ଣବୋଧ ବହି ଏବେ ମୃତ ପ୍ରାୟ। ଘରେ ହେଉ କି ବାହାରେ, ସ୍କୁଲରେ ହେଉ କି କଲେଜରେ ଚାରିଆଡ଼େ ଓଡ଼ିଆ ଭାଷାର ଅବହେଳିତ ଚିତ୍ର। ଅବହେଳିତ ପ୍ରତିଧ୍ୱନି। ଏହି ତଥାକଥିତ ବାସ୍ତବ ଚିତ୍ର ଭିତରେ ହଜିଯାଇଛି ଓଡ଼ିଆର ପାରମ୍ପରିକ ଚାଲିଚଳଣ, ଆଚାରବ୍ୟବହାର, ରୀତିନୀତି ଆଉ ଏମିତି କେତେ କ'ଣ। ଓଡ଼ିଆ ଘରେ ପ୍ରଥମେ ବେପାଉ ଡାକିବା ପରିବ□ ମମି ଡାକିବାକୁ ପ୍ରବ□ା ଯାଉଛି। ସାମ୍ପ୍ର□କ ଛୋଟିଆ ପରିବାରରେ ପିଲାଟିକୁ ଆଉ ଓଡ଼ିଆ ଅକ୍ଷର ଶିକ୍ଷା କରିବାର ମଧ୍ୟ ସୁଯୋଗ ଦିଆଯାଉ ନାହିଁ। ସ୍କୁଲରେ କଡ଼ା ତାଗିଦ ଯେ, କ୍ୟାମ୍ପସରେ ଓଡ଼ିଆ ମନା। ଘରେ ବି କଡ଼ା ଚେତାବନୀ ସେ କମ୍ ଓଡ଼ିଆ କହୁ। ଏଭଳି ପରିସ୍ଥିତିରେ ପିଲାଟି ବି ମନସ୍ଥ କରିବାକୁ ସହଜ ହୋଇଛି ଯେ ଓଡ଼ିଆ କହିବା ମାନେ ତାର ଜ୍ଞାନ ତଥା ଶିକ୍ଷାର ଦୁର୍ବଳତାକୁ ପଦାରେ ପକାଇବା। ଯଦି ଇଂରାଜୀରେ ସେ ସହଜରେ କଥା ହୋଇପାରୁଛି ତେବେ ସେ ସମ୍ଭ୍ରାନ୍ତ ପାରିବାରିକ ପରିଚୟ ଦେବା ସହିତ ଡାଡି ଓ ମମିମାନେ ପିଲାପ୍ରତି କରୁଥିବା କ□ବ୍ୟର ପ୍ରମାଣ ଦେଇ ପାରୁଛି। ଡାଡି ଓ ମମିମାନେ ପିଲାର ଇଂରାଜୀ ପ୍ରେମ ବଢ଼ାଇବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରି ଦେଇଛନ୍ତି। ଏହାର ଚିତ୍ର କେବଳ ସହର ନୁହେଁ ଗ୍ରାମା□ଳରେ ବି ଦେଖିବାକୁ ମିଳିଲାଣି। ଘରୋଇ ଇଂରାଜୀ ମିଡ଼ିୟମ ସ୍କୁଲର ଚାହିଦା ଢ଼େର ବେଶି। ଯେଉଁଠାରେ ଓଡ଼ିଆରେ ଖଣ୍ଡେ ହେଲେ ବି ପୁସ୍ତକ ପଢ଼ାଯାଉ ନାହିଁ। ଏଭଳି ପରିସ୍ଥିତିରେ ଭାଷା ସୁରକ୍ଷା ଓ ଭାଷା ବ□ାଇବାର ପ୍ରୟାସ କେଉଁ ଭଳି ? ଏକ ଉଦାହରଣ ଉପରେ ନଜର ଦେଲେ ଜଣାପଡ଼େ ଓଡ଼ିଆ ଭାଷାର ବ୍ୟବହାର ଏବେ କମି କମି ଆସିଲାଣି। ଯଦି ବା କେଉଁଠି ଓଡ଼ିଆ ଭାଷାରେ କିଏ କଥା ହେଉଛନ୍ତି, ସେମାନେ ଗୋଟିଏ ବାକ୍ୟରେ ବହୁତ ସଂଖ୍ୟାର ଇଂରାଜୀ ଶବ୍ଦର ବ୍ୟବହାର କରୁଛନ୍ତି। ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ଧ୍ୟାନ ଦେଲେ ଓଡ଼ିଆ ଭାଷା ପ୍ରୟୋଗ ସମ୍ପର୍କରେ ସହଜରେ ବୁଝି ହେଉଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଜାତୀୟସ୍ତରରେ ଭାଷାର ଗୁରୁତ୍ୱ ମଧ୍ୟ ବଢ଼ିଛି। ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ କରିବା ପାଇଁ ସରକାର ନିୟମ କରିଥିବାବେଳେ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏବେ ଯୁବବର୍ଗଙ୍କ କଥୋପକଥନକୁ ଲକ୍ଷ୍ୟ କଲେ ଜଣାପଡ଼େ, ଶୁଦ୍ଧ ଓଡ଼ିଆ କଥା ସେମାନଙ୍କ ମୁହଁରେ ନାହିଁ। ଏହି ଧାରା ଧିରେ ଧିରେ ଓଡ଼ିଆଙ୍କୁ ଗ୍ରାସ କରି ସାରିଛି। ଓଡ଼ିଆ ଭାଷା ସୁରକ୍ଷା ପାଇଁ ରାଜ୍ୟର ବିଭିନ୍ନ ମହଲରେ ଓଡ଼ିଆଙ୍କ ପ୍ରାଣ କାନ୍ଦୁଛି ବୋଲି ଖବର ପହ□ୁଛି। କିନ୍ତୁ ଏହାର ପ୍ରଭାବ ଶୂନ। ଚାରିଆଡ଼େ ଇଂରାଜୀ ଭାଷା କାୟା ବିସ୍ତାର କରିଛି। ଯଦିଓ ଇଂରାଜୀ ଭାଷାର ଆବଶ୍ୟକତା ଜରୁରୀ ତଥାପି ଓଡ଼ିଆ ଭାଷାର ସୁରକ୍ଷା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଥମିକ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

*ଗୋଟରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ସାରସ୍ୱତ ସାଧକ : ସୁରେନ୍ଦ୍ର ମହାନ୍ତି

**ଡ଼ଃ ଅରୁନ୍ଧତୀ ଦେବୀ**

ସାମ୍ବାଦିକତା ଠାରୁ ରାଜନୀତି ସାରସ୍ୱତ ସାହିତ୍ୟ ଠାରୁ ସମାଜ ସେବା ସବୁକ୍ଷେତ୍ରକୁ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ କାଳ ଧରି ନିଜ ବ୍ୟକ୍ତିତ୍ୱ ଓ ପ୍ରତିଭାରେ କେବଳ ଓଡ଼ିଆ ଗଦ୍ୟ ସାହିତ୍ୟ ନୁହେଁ ସର୍ବକାଳୀନ ସାହିତ୍ୟ ସାମ୍ବାଦିକତାକୁ ଋଦ୍ଧିମନ୍ତ କରିଥିବା କାଳଜୟୀ ସ୍ରଷ୍ଟା ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ଯେଉଁ କତିପୟ ସାରସ୍ୱତ ସାଧକ ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ପାରଦର୍ଶିତାର କୃତୀ ହାସଲ କରିଛନ୍ତି ତାଙ୍କ ଭିତରୁ ଶ୍ରୀ ମହାନ୍ତି ଅନ୍ୟତମ। ବର୍ଣ୍ଣାଢ଼୍ୟ ଓ ବହୁମୁଖୀ ସାରସ୍ୱତ ଜୀବନ ଥିଲା ତାଙ୍କ ଜୀବନର ସ୍ୱତନ୍ତ୍ରତା। ସେ ତାଙ୍କ ଜୀବନ କାହାଣୀରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ରାଜନୀତି ଓ ସାହିତ୍ୟ ତାଙ୍କ ପାଇଁ ପୃଥିବୀ ଥିବାବେଳେ ତାଙ୍କ ପଥ ଥିଲା ସାମ୍ବାଦିକତା। ଯାହାପାଇଁ ତାଙ୍କ କାଳଜୟୀ କୃତି ଆତ୍ମ ଚରିତର ନାମ ସେ ରଖିଥିଲେ 'ପଥ ଓ ପୃଥିବୀ'। ତାଙ୍କ ସମସାମୟିକ ସାହିତ୍ୟ ଅନୁରାଗୀମାନେ ସ୍ୱୀକାର କରିଛନ୍ତି ଯେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ ସମୁଜ୍ଜ୍ୱଳ କୃତିର ଏକ ମହାକାବ୍ୟ ହେଉଛି ପଥ ଓ ପୃଥିବୀ। ଏପରି ଜଣେ ସାରସ୍ୱତ ସାଧକଙ୍କ ସାର୍ଥକ ଜୀବନସ୍ମୃତି ଆମ ସମ ସାମୟିକ ଓଡ଼ିଶା ଭାଷା ଓ ସାହିତ୍ୟ ଭଣ୍ଡାରର ଏକ ଦୁର୍ଲ୍ଲଭ ରତ୍ନ ସଦୃଶ।

ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କୈଶୋରରେ ସାଲେପୁର ହାଇ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଥମ ଗଳ୍ପଟି ଥିଲା ବନ୍ଦୀ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ। ଦ୍ୱିତୀୟ ଗଳ୍ପ ମଣିଷ ଓ ଅର୍ଥନୀତି କବି ସଚ୍ଚି ରାଉତରାୟ ସଂପାଦିତ ଆରତି ପତ୍ରିକାରେ ପ୍ରକାଶ ପାଇଥିଲା। ତାଙ୍କ ଜୀବନନାମାରେ ସେ ବେଶ୍ ଖୋଲା ଭାବରେ ଲେଖିଛନ୍ତି ଯେ ସେ ଏକ ପ୍ରକାର ପାଠ ଠାରୁ ଯେପରି ଦୂରେଇ ଯାଉଥିଲେ। କହିବାକୁଗଲେ ବିଭିନ୍ନ ବାହାନାର ସାହାରାରେ ସେ ତାଙ୍କ ସେ ସମୟର ଚାଟଶାଳୀର ନିୟମିତ ଛାଟ ନଥିଲେ। ନାଲିକସ୍ତା ପିନ୍ଧି, ଅ□ାରେ ରୂପା ସୂତା ଗୁଡ଼ାଇ, ହାତରେ ଖଡୁନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁ ଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ତେବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ରାଜନୀତି ପ୍ରତି ଆଗ୍ରହ ଉଚ୍ଚଶିକ୍ଷାରୁ ତାଙ୍କୁ ଦୂରେଇ ନେଇଥିଲା। ଏହାସ□େ ନିଜ ପ୍ରଚେଷ୍ଟାରେ ସେ ଏକାଧିକ ଭାଷା ଆୟ□ କରିଥିଲେ। ସୁରେନ୍ଦ୍ରଙ୍କ ସାମ୍ବାଦିକ ଜୀବନ ଅତ୍ୟନ୍ତ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା। ଦିନେ ଓଡ଼ିଶା ଥିଏଟରରେ କାଳୀଚରଣ ପଟ୍ଟନାୟକଙ୍କ ଅତିବଡ଼ୀ ଜଗନ୍ନାଥ ଦାସ ନାଟକ ମ□ସ୍ଥ ହେଉଥିଲା। ଦର୍ଶକଙ୍କ ମଧ୍ୟରେ ଥିଲେ ଯୁବକ ସୁରେନ୍ଦ୍ର। ନାଟକର ଗୋଟିଏ ଦୃଶ୍ୟରେ ପୁରୀ ଯାଉଥିବା ବଙ୍ଗୀୟ ଯାତ୍ରୀଙ୍କୁ ବିଦ୍ରୂପ କରାଯାଉଥିବା ଦେଖି ସେ ବିସ୍ମିତ ହୋଇଥିଲେ। ଏହାର ପ୍ରତିବାଦ କରି ସମାଲୋଚନାମୂଳକ ପ୍ରବନ୍ଧ ଇଂରେଜୀରେ ଲେଖି କେଏନ୍ ଆଚାରୀ ସଂପାଦିତ ନିୟୁ ଓଡ଼ିଶାକୁ ପଠାଇଥିଲେ। ଉକ୍ତ ପ୍ରବନ୍ଧ ସେତେ ବେଳେ ବୁଦ୍ଧିଜୀବୀ ମହଲରେ ଚା□ଲ୍ୟ ସୃଷ୍ଟି କରିଥିଲା ଏବଂ ସାମ୍ବାଦିକତା କରିବା ପାଇଁ ସୁରେନ୍ଦ୍ର ଆଗ୍ରହୀ ହୋଇଥିଲେ। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ହିଁ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ଏହାପରେ ସେ ଜନତା, ଗଣତନ୍ତ୍ର, କଳିଙ୍ଗ ଆଦି ସହ ସଂପୃକ୍ତ ହୋଇଥିଲେ। ଆଜି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ଓଡ଼ିଆଙ୍କ ଲୋକପ୍ରିୟ ସର୍ବାଦୃତ ଦୈନିକ ଖବରକାଗଜ 'ସମ୍ବାଦ' ଥିଲା ତାଙ୍କ ସମ୍ପାଦିତ ଶେଷ ଖବର କାଗଜ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ଆଜି ସମ୍ବାଦର ପ୍ରଚୁର ପାଠକୀୟ ଆଦୃ□ ପଛରେ ଏହି ସାରସ୍ୱତ ସାଧକଙ୍କ ସାଧନାର ତ୍ୟାଗପୂତ ଚିହ୍ନ ନିଶ୍ଚୟ ରହିଛି। ଯାହାପାଇଁ ଆଜି ସମ୍ବାଦ ଅନ୍ୟ ସବୁ ଖବରକାଗଜ ପାଇଁ ଆକର୍ଷଣ, ଉତ୍ସାହ ଓ ପ୍ରେରଣାର ପଥ ଦେଖାଇ ପାରିଛି। ରାଜ୍ୟସଭା ସଦସ୍ୟ ଭାବେ ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ତାହାପରେ ସେ କଟକରୁ ଦ୍ୱିତୀୟ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେ ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ାରୁ ଲଢ଼ି ପରାଜିତ ହୋଇଥିଲେ ଏବଂ ଏହି ଆସନରୁ ପ□ମ ସାଧାରଣ ନିର୍ବାଚନ ଜିତିଥିଲେ। ତାଙ୍କର ସକ୍ରିୟ ରାଜନୈତିକ ଜୀବନ ରାଜ୍ୟ ସଭା ସାଂସଦ ଭାବେ ହିଁ ଶେଷ ହୋଇଥିଲା। ୧୯୭୮ରେ ଶେଷ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ସେ ଆଉ ଲଢ଼ି ନଥିଲେ। ଏହି ମହାନ ସାରସ୍ୱତ ସାଧକଙ୍କ ୧୯୯୦ ମସିହା ଡିସେମ୍ବର ୨୧ ତାରିଖରେ ପରଲୋକ ଘଟିଥିଲା।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,*
*ଦୂରଭାଷ : ୯୪୩୭୧୨୪୫୭୨*

# ନିରାପଦ ପ୍ରସବ

**ଡାକ୍ତର ମଧୁସ୍ମିତା ପ୍ରଧାନ**

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମହିଳା, ଶିଶୁ ମାନଙ୍କ ଉନ୍ନତି କଳ୍ପେ ଅନେକ ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିଛି କ୍ଷେତ୍ରରେ କେନ୍ଦ୍ର ସରକାର ବା ଆନ୍ତର୍ଜାତିକ ଅନୁଷ୍ଠାନର ସହଯୋଗ ରହିଥିବାବେଳେ ଅଧିକାଂଶ ପ୍ରକଳ୍ପ ରାଜ୍ୟ ସରକାର ନିଜ ହାତରୁ ବ୍ୟୟ କରୁଛନ୍ତି। ଯାହାଦ୍ୱାରା ଆଜି ସ୍ୱାସ୍ଥ୍ୟସେବା ଆଉ କୌଣସି ସ୍ଥାନରେ ଅପହ□ ହୋଇପାରି ନାହିଁ। କେବଳ ସହରା□ଳ ନୁହେଁ ଗ୍ରାମା□ଳ, ଆଦିବାସୀ ଅଧୁସିତ ଅ□ଳ, ଦୁର୍ଗମ ଯୋଗାଯୋଗ ବିହୀନ ଉପାନ୍ତ ମୂଳକ ସବୁଠାରେ ସରକାରଙ୍କ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସୁଦୃଢ଼ ହେବା ସହ ଏହାର ଭି□ଭୂମି ମଧ୍ୟ ଅଗ୍ରଗତି କରୁଛି। ସରକାର ରାଜ୍ୟରେ ପ୍ରସୂତୀ ମହିଳା ଓ ଶିଶୁମାନଙ୍କ ଉନ୍ନତି କଳ୍ପେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାଗଣା ଚିକିତ୍ସା, ଆନୁସଙ୍ଗିକ ପରୀକ୍ଷା ଓ ଔଷଧପତ୍ର ପ୍ରଦାନ ସହ, ବିଭିନ୍ନ ଟୀକାକରଣ, ଉନ୍ନତ ଓ ପୃଷ୍ଟିକର ଖାଦ୍ୟ ଯୋଗାଣ ସହ ବିଭିନ୍ନ ଭ□ା ପ୍ରଦାନ କରୁଛନ୍ତି ଓ ଏ ନେଇ ସାଧାରଣରେ ସଚେତନତାର ବା□ା ମଧ୍ୟ ଦେଉଛନ୍ତି ଯାହାଦ୍ୱାରା ଆଗଭଳି ଜଣେ ପ୍ରସୂତୀ ଯମଯନ୍ତ୍ରଣା ପାଇପାରୁନାହିଁ। ସରକାରୀ ବ୍ୟବସ୍ଥାରେ ଥିବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ସୁଯୋଗ ଓ ସୁବିଧା ତାଙ୍କୁ ଉପଲବ୍ଧ କରାଯାଉଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରକାଶିତ ସୂଚନା ଅନୁଯାୟୀ ଓଡ଼ିଶାରେ ପ୍ରସବ ହାର ଡାକ୍ତରଖାନାରେ ବା ସ୍ୱାସ୍ଥ୍ୟ ଅନୁଷ୍ଠାନରେ ୮୫.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ୧୯୯୮-୯୯ ଆର୍ଥିକ ବର୍ଷରେ ଏହି ହାର ୨୨.୬ ପ୍ରତିଶତ ଥିଲା। କେବଳ ଏତିକି ନୁହେଁ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ କ୍ଷେତ୍ରରେ ଓଡ଼ିଶାକୁ ସମ୍ମାନଜନକ ଭାବେ ୬୨.୮ ପଏ□ ମିଳିଛି। ଶିଶୁ ଓ ପ୍ରସୂତୀଙ୍କ ପ୍ରସବ କ୍ଷେତ୍ରକୁ ପର୍ଯ୍ୟାଲୋଚନା କରୁଥିବା ଜାତୀୟ ସର୍ଭେର ତଥ୍ୟ ଅନୁଯାୟୀ ଓଡ଼ିଶା ଉପରେ କେବଳ ସିକିମ୍ ରହିଛି। ଏହି ରାଜ୍ୟରେ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ପଏ□ ୬୩.୨୮ ଅଛି। ଯାହାକି ଜାତୀୟ ସ୍ତରରେ ୪୫.୩ ପଏ□ ପାଇପାରିଛି। ଯାହାଦ୍ୱାରା ବୁଝାଯାଉଛି କି ଯେ, ଓଡ଼ିଶାର ହାର ଜାତୀୟ ହାର ଠାରୁ ଅଧିକ ଅଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ଜନ୍ମମାଟିର ରାଜ୍ୟ କୁହାଯାଉଥିବା ଗୁଜରାଟକୁ ୪୨.୪ ପଏ□ ମିଳିଥିବାବେଳେ ଭାରତର ଆର୍ଥିକ ବିକଶିତ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ରରେ ଏହା ୩୭.୭, ମଧ୍ୟପ୍ରଦେଶରେ ୬୦.୭ ଓ ବିହାର ୪୯.୨ ପଏ□ ପାଇଛି।

ଅନେକ ସମୟରେ ରାଜ୍ୟରେ ପ୍ରସବଜନିତ ମୃତ୍ୟୁ ଓ ଶିଶୁମୃତ୍ୟୁହାରକୁ ନେଇ ଅନେକ ଆଲୋଚନା ତୁମ୍ବି ତୋଫାନ ହେଉଥିବାବେଳେ ବାସ୍ତବ କଥା ହେଉଛି ମାତୃ ଓ ଶିଶୁମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ଠାରୁ ଆଗୁଆ ଭାବେ ଏକ ରେକର୍ଡ଼ କରିଛି। ୨୦୦୦ ମସିହାର ସର୍ଭେ ଦ୍ୱାରା ପ୍ରଦ□ ତଥ୍ୟ ଜଣାଉଛିକି ଯେ ଓଡ଼ିଶାର ଶିଶୁମୃତ୍ୟୁହାର ୯୬ରୁ ୫୬ ପଏ□କୁ ହ୍ରାସ ପାଇଥିଲା। ସେହିପରି ୨୦୧୫-୧୬ ସର୍ଭେରେ ଏହା ୪୦ ପଏ□କୁ କମିଛି। ଯେତେବେଳେ କି ସର୍ବଭାରତୀୟ ସ୍ତରରେ ଏହି ହ୍ରାସ ହାର ୨୭ ପ୍ରତିଶତ ରହିଛି ଓ ଛତିଶଗଡ଼ରେ ୨୫, ଗୁଜରାଟରେ ୨୮, ରାଜସ୍ଥାନରେ ୩୮, ଝାଡ଼ଖଣ୍ଡରେ ୨୬, ମଧ୍ୟପ୍ରଦେଶରେ ୩୬ ଓ ଭାରତର ସବୁଠୁ ବଡ଼ରାଜ୍ୟ ଉ□ରପ୍ରଦେଶରେ ୧୯ ପଏ□ ରହିଛି। ଓଡ଼ିଶାର କ୍ଷେତ୍ରକୁ ଦେଖିଲେ ଜଣାଯାଏକି ଯେ, ୨୦୦୦ ମସିହା ତୁଳନାରେ ଏବେ ଯଦି ହିସାବ କରାଯାଏ ତେବେ ବାର୍ଷିକ ୫୧ ହଜାରରୁ ଅଧିକ ପିଲାଙ୍କ ଜୀବନରକ୍ଷା ହୋଇପାରିଛି। ସେହିପରି ଟୀକାକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ଯଥେଷ୍ଟ ଆଗୁଆ ରାଜ୍ୟ ଭାବେ ପରିଚିତ ହୋଇଛି। ଜାତୀୟସ୍ତରରେ ଟୀକାକରଣ ହାର ୬୨ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ୭୮.୬। ୨୦୦୦ ମସିହାରେ ଓଡ଼ିଶାର ର୍ୟାଙ୍କ ୧୬ ଥିଲା ଏବଂ ପରବ□ୀ ସମୟରେ ଅର୍ଥାତ୍ ୨୦୧୫-୧୬ରେ ଏହା ୫ ହୋଇଛି। ଗୁଜରାଟ, ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟ ବହୁତ ପଛରେ ଅଛନ୍ତି। କେବଳ ସେତିକିନୁହେଁ ସ୍ୱାସ୍ଥ୍ୟ ଭି□ଭୂମି କ୍ଷେତ୍ରରେ ମଧ୍ୟ ବିଗତ ୧୭ବର୍ଷ ମଧ୍ୟରେ ଓଡ଼ିଶା ବେଶ ଆଗକୁ ଯାଇପାରିଛି ବୋଲି ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ସୂଚୀତ କରୁଛି। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଇ ଓଡ଼ିଶାରେ ଦୁଇଟି ନୂତନ ମେଡ଼ିକାଲ କଲେଜ ସ୍ଥାପନ ହୋଇଥିବାବେଳେ ୭ଟି ନୂଆ ମେଡ଼ିକାଲ କଲେଜର ପ୍ରତିଷ୍ଠା ପାଇଁ ପ୍ରକଳ୍ପ ରହିଛି। କେବଳ ସେତିକିନୁହେଁ ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୪୫୦ରୁ ବୃଦ୍ଧି ପାଇ ୮୫୦ରେ ପହ□ିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚିକିତ୍ସକଙ୍କ ଅଭାବକୁ ଦୃଷ୍ଟିରେ ରଖି ସରକାର ଏମ୍‌ବିବିଏସ୍ ଡାକ୍ତର ୨୫୦୮ଜଣ, ଡେ□ାଲ ସର୍ଜନ ୪୦୦ଜଣ ଓ ପାରାମେଡ଼ିକ୍ସ ପଦବୀ ୫୭୧୯ ପଦବୀ ସୃଷ୍ଟି କରିଛନ୍ତି। ଆଦିବାସୀ ବହୁଳ, ଗମନାଗମନ ବିହୀନ, ଅନୁନ୍ନତ ତଥା ଉପାନ୍ତ ଅ□ଳ କୁହାଯାଉଥିବା ସ୍ଥାନ, କେବିକେ, କେବିକେପ୍ଲସ ଓ ଟ୍ରାଇବାଲ ସବ୍‌ପ୍ଲାନ ଅ□ଳ ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରି ସରକାର ଚିକିତ୍ସକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଉପରୋକ୍ତ ଅ□ଳରେ ୨୦୧୫ରୁ ୨୦୧୭ ମଧ୍ୟରେ ଖାଲି ଡାକ୍ତର ପଦବୀ ସଂଖ୍ୟା ୮୧ ପ୍ରତିଶତରୁ ହ୍ରାସ ପାଇଁ ୨୦ ପ୍ରତିଶତରେ ପହ□ିଛି। ପ୍ରସୂତୀ ମାନଙ୍କୁ ଉନ୍ନତ ଓ ନିରାପଦ ସ୍ୱାସ୍ଥ୍ୟ ସେବା ସୁଯୋଗ ଯୋଗାଇବା ପାଇଁ ରାଜ୍ୟରେ ୪୭ହଜାର ଆଶାକର୍ମୀ କାର୍ଯ୍ୟ କରୁଛନ୍ତି ଓ ୪୫ ହଜାର ଗାଁରେ ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁଛି। ଉପାନ୍ତ, ଦୁର୍ଗମ ଅଞ୍ଚଳର ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାରେ ପହ□ିବା ପାଇଁ ଏକ ହଜାର ଟଙ୍କାର ପ୍ରୋତ୍ସାହନ ଓ ସହାୟତା ରାଶି ପ୍ରଦାନ କରାଯାଉଛି। ଯାହାଦ୍ୱାରା ପ୍ରତିବର୍ଷ ୬୦ ହଜାର ଗର୍ଭବତୀ ଏହି ସୁବିଧା ସୁଯୋଗ ପାଇପାରିବେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆଉ ଗୋଟିଏ ପାଦ ଆଗକୁ ଯାଇ ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ ଲାଗି ୨୩ ଜିଲ୍ଲାର ୩୫ଶହ ଗ୍ରାମରେ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ୫୭୩ ପ୍ରକାରର ଔଷଧ ନିରାମୟରେ ରୋଗୀଙ୍କୁ ଦିଆଯାଉଛି। ଯାହାଦ୍ୱାରା ପାଖାପାଖି ୧କୋଟି ୬୦ଲକ୍ଷ ରୋଗୀ ଅଦ୍ୟାବଧି ଏହି ସୁଯୋଗ ପାଇପାରୁଛନ୍ତି। ସାଧାରଣରେ ସଚେତନତା ବୃଦ୍ଧି ପାଇଲେ ପ୍ରସୂତୀମାନେ ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ଗ୍ରହଣ କରି ନିରାପଦରେ ସେମାନଙ୍କର ପିଲାଟିକୁ ଭୂମିଷ୍ଠ କରାଇବା ପାଇଁ ଆଗେଇ ଆସିଲେ ସରକାରଙ୍କ ଏହି ସୁମହତ ଯୋଜନା ସାଧାରଣ ଲୋକଟି ପାଇଁ ଅମୃତ ପରି ବରଦାନ ପାଲଟିବ।

*ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

| MARKETS TODAY | ପୁଞ୍ଜିବଜାର ହାଲଚାଲ |
|---|---|
| SENSEX | 33777.38<br>-59.36 (-0.18%) |
| NIFTY | 10444.2<br>-19 (-0.18%) |
| ସୁନା 24K (MCX) (Rs/10g.) 28,497 | |
| ଟଙ୍କାର ବିନିମୟ ମୂଲ୍ୟ | |
| 1 Dollar = Rs. 64.11 | |

## ଆତ୍ମହତ୍ୟାଉଦ୍ୟମକାରୀଙ୍କୁ ବଞ୍ଚାଇଲା ପୁଲିସ

ନୂଆଦିଲ୍ଲୀ ,୨୦/୧୨(ଏଜେନ୍ସି) : ବଡହିନ୍ଦୁ ରାଓ ଅଞ୍ଚଳରେ ଜଣେ ଯୁବକ ବେକରେ ଚାଦର ଗୁଡାଇ ଫ୍ୟାନରୁ ଝୁଲିଯିବା ସହ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଯୁବକଙ୍କ ପରିବାର ବର୍ଗ ଏହାକୁ ନେଇ ଦୁଃଖରେ ଭାଙ୍ଗି ପଡିବା ସହ ଶବସତ୍କାର ପଇଁ ପ୍ରସ୍ତୁତି କରୁଥିଲେ । ଏହି ସମୟରେ ଅପମୃତ୍ୟୁ ସମ୍ପର୍କରେ ସୂଚନା ପାଇ ସେଠାରେ ପହଞ୍ଚିଥିଲେ ଏସଏଚଓ ସଂଜୟ କୁମାର । ମୃତ ଯୁବକ ୨୧ ବର୍ଷୀୟ ରାଜ'ର ଶବସତ୍କାର ପୂର୍ବରୁ ତାଙ୍କ ଶବ ଦେଖିବାକୁ ଚାହିଁଥିଲେ ପୁଲିସ ଅଧିକାରୀ ଜଣକ । ସେ ଶବକୁ ଦେଖିବା ପରେ ତାଙ୍କ ନାଡି ଯାଞ୍ଚ କରି ତୁରନ୍ତ ଶବ ହସପିଟାଲକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତର ରାଜ ଜୀବୀତ ଥିବା କହିବା ସହ ତୁରନ୍ତ ତାଙ୍କର ଉପଚାର ଆରମ୍ଭ କରିଦେଇଥିଲେ ।

## ମଠରେ ୨ ଜଣ ସାଧ୍ୱୀଙ୍କୁ ୧୦ ଦିନ ଗଣବଳାତ୍କାର ଅଭିଯୋଗ

ଲକ୍ଷ୍ନୌ ,୨୦/୧୨(ଏଜେନ୍ସି) : ୟୁପିର ବସ୍ତୀ ଜିଲ୍ଲାରେ ଥିବା ଏକ ମଠରେ ୨ଜଣ ସାଧ୍ୱୀଙ୍କୁ ୧୦ ଦିନ ଧରି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ ୪ଜଣ ମହନ୍ତ ବ୍ରଜାନନ୍ଦ , ସଚ୍ଚିଦାନନ୍ଦ, ପରଚେତନନ୍ଦ ଓ ବିଶ୍ୱାସନନ୍ଦଙ୍କୁ ଗିରଫ କରିଛି । ଏହି ଆତ୍ମଘୋଷିତ ବାବାମାନେ ସମ୍ପୃକ୍ତ ଦୁଇ ସାଧ୍ୱୀଙ୍କୁ ବେଶ କିଛି ଦିନ ଧରି ଅନୈତିକ ସମ୍ପର୍କ ନିମନ୍ତେ ପ୍ରବର୍ତ୍ତାଉଥିବା ଅଭିଯୋଗ ହୋଇଛି । ହେଲେ ୨୦୦୮ରୁ ମଠରେ ରହୁଥିବା ଏହି ସାଧ୍ୱୀମାନେ ଏଥି ପାଇଁ ରାଜି ନହେବାରୁ ସେମାନଙ୍କୁ ବନ୍ଦ କୋଠରୀରେ ରଖି ସେମାନଙ୍କ ସହ ଲଗାତର ୧୦ ଦିନ ଧରି ଏପରି କୁକର୍ମ କରାଯାଇଥିବା ଅଭିଯୋଗ ହୋଇଛି । ସାଧ୍ୱୀମାନେ କୌଶଳକ୍ରମେ ମଠରୁ ଖସି ଆସି ପୁଲିସ ନିକଟରେ ଏଥି ନେଇ ଅଭିଯୋଗ କରିଛନ୍ତି ।

### ଆମେରିକାର ଜାତୀୟ ସୁରକ୍ଷା ଦସ୍ତାବିଜକୁ ଉନ୍ମୋଚନ କଲେ ଟ୍ରମ୍ପ

# ଭାରତ ଏକ ଅଗ୍ରଣୀ ବିଶ୍ୱଶକ୍ତି

### ଭାରତ ସହ ଆମେରିକାର ରଣନୀତିକ ସମ୍ପର୍କ ଆହୁରି ବୃଦ୍ଧି କରାଯିବ

ୱାସିଂଟନ/ନୂଆଦିଲ୍ଲୀ ,୨୦/୧୨(ଏଜେନ୍ସି) : ଚୀନ ଆଜିର ଦିନରେ ଏକ ଅସ୍ୱଚ୍ଛ, ବାଣିଜ୍ୟ କୈନ୍ଦ୍ରିକ, ମାର୍କ୍ସବାଦୀ ଚିନ୍ତାଧାରାସଂପନ୍ନ ତଥା କର୍ତ୍ତବ୍ୟଭ୍ରଷ୍ଟ ରାଷ୍ଟ୍ରଭାବେ ବିଶ୍ୱ ସମ୍ମୁଖରେ ବିଦ୍ୟମାନ ଏବଂ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚୀନ ଆଜି ଅହେତୁକ ପ୍ରଭୁତ୍ୱ ବିସ୍ତାର, ପ୍ରଚଣ୍ଡ କ୍ଷମତା ଲିପ୍ସା, ପ୍ରଭାବଶାଳୀ କର୍ତ୍ତୃତ୍ୱ ଓ ବିଶେଷ ନିୟନ୍ତ୍ରଣାଧିକାର ପ୍ରାପ୍ତିର ମୁଖ୍ୟ ଆଭିମୁଖ୍ୟ ରଖି ତା'ର ସମସ୍ତ କାର୍ଯ୍ୟକ୍ରମ ରୂପାୟନ କରୁଛି । ପ୍ରତିରକ୍ଷା ଶକ୍ତିରେ ବଳୀୟାନ ଚୀନ କାହାରିକୁ ମାନିବା ଭଳି ସ୍ଥିତିରେ ଆଉ ନାହିଁ । କେତେବେଳେ ଭାରତକୁ ନାଲି ଆଖି ଦେଖାଉଛି ତ କେତେବେଳେ ମହାଶକ୍ତି ଆମେରିକାକୁ ମଧ ଚାଲେଞ୍ଜ କରୁଛି । ତେଣୁ ଚୀନକୁ ମୁକାବିଲା କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଏକ ନୂଆ ରଣନୀତି ପ୍ରସ୍ତୁତ କରିଛି ଆମେରିକା । ଏଥି ନେଇ ଆମେରିକା ଏହାର ରାଷ୍ଟ୍ରୀୟ ରଣନୀତି (National Security Strategy (NSS) ଘୋଷଣା କରିଛି । ଏଥିରେ ଆମେରିକା ଭାରତକୁ ଏକ ଅଗ୍ରଣୀ ବିଶ୍ୱ ଶକ୍ତି ଭାବେ ସ୍ୱୀକାର କରିଛି । ଏହି ୬୮ ପୃଷ୍ଠା ବିଶିଷ୍ଟ ଦସ୍ତାବିଜକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉନ୍ମୋଚିତ କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ଭାରତ ଏକ ଅଗ୍ରଣୀ ବିଶ୍ୱ ଶକ୍ତି ହୋଇଥିବାରୁ ଏହି ଦେଶ ସହ ଆମେରିକା ଏହାର ରଣନୀତିକ ସମ୍ପର୍କ ଆହୁରି ଦୃଢ଼ କରିବ । ପ୍ରମୁଖ ପ୍ରତିରକ୍ଷା ସହଯୋଗୀ' ଭାବେ ଭାରତକୁ ମାନ୍ୟତା ମିଳିବା ପରେ ଏବେ ଆମେରିକାର ୯୯% ପ୍ରତିରକ୍ଷା ପ୍ରାଦ୍ୟୋଗିକୀ ଦେବ । ଆମେରିକା ଦର୍ଶାଇଛି ଯେ, ଆମେ ଆମର ପ୍ରତିରକ୍ଷା ଭାଗିଦାରୀ ଅନୁଯାୟୀ ଭାରତ ସହିତ ଏହା ଲାଗୁ କରିଛୁ । ଭାରତକୁ ଆମେରିକୀୟ ପ୍ରଦ୍ୟୋଗିକୀର ବିଶାଳ ଶୃଙ୍ଖଳା ପର୍ଯ୍ୟନ୍ତ ଲାଇସେନ୍ସମୁକ୍ତ ପହଞ୍ଚ ଉପଲବ୍ଧ ହେବ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ନୀତି ଭାରତକୁ କେତେ ଗୁରୁତ୍ୱ ଦିଅନ୍ତି ତାହା ଏଥିରେ ଦର୍ଶାଇଛନ୍ତି ।

'ଚୀନ-ପାକିସ୍ତାନ ଅର୍ଥନୈତିକ କରିଡ଼ର' ପ୍ରକଳ୍ପ ଓ ଏହା ଅନ୍ତର୍ଗତ ଗ୍ୱାଦର ବନ୍ଦରରେ ଚୀନର ସାମରିକ ଘାଟୀ ପ୍ରତିଷ୍ଠା ଉଦ୍ୟମକୁ ଆମେରିକା ସହଜରେ ଗ୍ରହଣ କରି ନାହିଁ । 'ଚୀନ-ପାକିସ୍ତାନ ଅର୍ଥନୈତିକ କରିଡ଼ର' ପ୍ରକଳ୍ପକୁ ନେଇ ଏହି ଦସ୍ତାବିଜରେ ସନ୍ଦେହ ପ୍ରକଟ କରାଯାଇଛି । ସେହିପରି ଓବିଓଆର ପ୍ରକଳ୍ପକୁ ନେଇ ଭାରତ ଯେଉଁ ଆଶଙ୍କା ବ୍ୟକ୍ତ କରିଛି ତାହାକୁ ମଧ ଆମେରିକା ସମର୍ଥନ କରିଛି । ଏହା ଦ୍ୱାରା କିଛି ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଥିବା ଆମେରିକା କହିଛି । ପୂର୍ବରୁ ଋଣ ଦେଇ ଚୀନ ଶ୍ରୀଲଙ୍କାର ହାମ୍ବାନଟୋଟା ଓ ବାଙ୍ଗଲାଦେଶର ଚଉଗଙ୍ଗ ବନ୍ଦରକୁ ୧୦୦ବର୍ଷିଆ ଲିଜରେ ନେଇ ଯେଭଳି ସେହି ଦେଶମାନଙ୍କୁ ଏହାର ବଶବର୍ତ୍ତୀ କରି ରଖିବାରେ ସଫଳ ହୋଇଛି ଠିକ ସେହିପରି ପାକିସ୍ତାନକୁ ପ୍ରଚୁର ଋଣ ଦେଇ ଚୀନ ଏହାକୁ କରାୟତ୍ତ କରୁଥିବା ଆମେରିକା ଆଶଙ୍କା କରିଛି । ଏହା ଦ୍ୱାରା ପାକିସ୍ତାନ ଚୀନର ଜାଲରେ ଫସିଯିବ ବୋଲି ଆମେରିକା ସତର୍କ କରାଇ ଦେଇଛି ।

ଚୀନ ଦକ୍ଷିଣ ଏସିଆରେ ଏହାର ପ୍ରଭାବ ବିସ୍ତାର କରୁଥିବାରୁ ଏହି ଅଞ୍ଚଳର ରାଷ୍ଟ୍ରମାନଙ୍କ ସାର୍ବଭୌମତ୍ୱ ରକ୍ଷା ପାଇଁ ଆମେରିକା କାର୍ଯ୍ୟ କରିବ । ବିଶେଷ କରି ଚୀନର ସିପିଇସି ଓ ଓବିଓଆର ପ୍ରକଳ୍ପକୁ ନେଇ ଆମେରିକା ଚିନ୍ତା ବ୍ୟକ୍ତ କରିବା ସହ ଭାରତର ଆଶଙ୍କାକୁ ଯଥାର୍ଥ ଦର୍ଶାଇଛି । ଚୀନକୁ ପ୍ରତିହତ କରିବା ପାଇଁ ଆମେରିକା ଜାପାନ-ଭାରତ ଓ ଅଷ୍ଟ୍ରେଲିଆ ସହ ରଣନୀତିକ ସହଯୋଗ ବୃଦ୍ଧି କରିବାକୁ କହିଛି । ସମୁଦ୍ର ଉପରେ ଚୀନର ଦାଦାଗିରି ଯେଭଳି ଦିନକୁ ଦିନ ବ୍ୟାପକ ହେଉଛି ତାହାକୁ ନେଇ ଆମେରିକା ଉଦବେଗ ପ୍ରକାଶ କରିଛି । ଚୀନ ପ୍ରଶାନ୍ତ ମହାସାଗରର ଅନେକ ସମୁଦ୍ର ପଥକୁ ନିଜର ଦାବି କରି ନୌସେନା ମୁତୟନ କରିଛି ଏବଂ ଯେଉଁ ଦେଶର ଜାହାଜ ଚୀନ ଦାବି କରୁଥିବା ସମୁଦ୍ର ପଥ ଦେଇ ଗତିକରୁଛି ଡ୍ରାଗନ ସେନା ସେମାନଙ୍କୁ ଧମକାଉଛନ୍ତି । ତେଣୁ ବ୍ୟାବସାୟ ଲାଗି ସମୁଦ୍ର କ୍ଷେତ୍ରକୁ ମୁକ୍ତ କରିବାକୁ ଜାପାନ , ଇଣ୍ଡୋନେସିଆ , ଭିଏତନାମ , ଫିଲିପାଇନ୍ସ ସମେତ ଭାରତ ମଧ ଦାବି କରି ଆସିଛନ୍ତି । ସମୁଦ୍ର ସୀମା ଏକ ବଡ଼ ପ୍ରସଙ୍ଗ ଭାବେ କ୍ରମଶଃ ଉଭା ହେଉଛି । ଏଭଳି ସ୍ଥିତିରେ ନୂଆ ରଣନୀତି ଅନୁଯାୟୀ ଆମେରିକା ଉତ୍ତର ଅଷ୍ଟ୍ରେଲିଆରେ ଏକ ନୌସେନା ଘାଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି । ଉତ୍ତର ଅଷ୍ଟ୍ରେଲିଆରେ ଆମେରିକାର ବଡ଼ଧରଣର ନୌସେନା



ଘାଟି ପ୍ରତିଷ୍ଠା କରାଯିବ ।

ଅପରପକ୍ଷରେ ପାକିସ୍ତାନକୁ ଆତଙ୍କବାଦ ପ୍ରସଙ୍ଗରେ ଆମେରିକା ସ୍ପଷ୍ଟ ଭାବେ କଡା ତାଗିଦ କରିଛି । ଆତଙ୍କବାଦ ସଂଗଠନଗୁଡିକ ମଧରେ କୌଣସି ପ୍ରକାର ବାଛ ବିଚାର ନ ରଖି ଏହାର ସମସ୍ତ ବର୍ଗକୁ ଦମନ କରିବା ଲାଗି ପାକିସ୍ତାନକୁ ଆମେରିକା ପରାମର୍ଶ ଦେଇଛି । ପାକିସ୍ତାନ ଆତଙ୍କବାଦ ପ୍ରସଙ୍ଗରେ ଦୋହରା ମାନଦଣ୍ଡ ଅପଣାଇବା ବନ୍ଦ କରୁ ବୋଲି ଏଥିରେ କୁହାଯାଇଛି । ପ୍ରକାଶ ଥାଉକି ପାକିସ୍ତାନ ଆମେରିକାର ଏକ ବିଶ୍ୱାସଘାତକ ସାଥୀ । ବର୍ଷ ବର୍ଷ ଧରି ଏହା ଆମେରିକାର ଶତ୍ରୁଙ୍କୁ ଲାଳନପାଳନ କରି ଆସିଥିଲା । ଓସାମା ବିନ୍ ଲାଡେନ ଭଳି ଆତଙ୍କବାଦୀକୁ ପାକିସ୍ତାନ ନିଜ ଦେଶରେ ଆଶ୍ରୟ ଦେଇଥିଲା । ସେହିପରି ହକାନି ନେଟୱର୍କ ଭଳି ଆତଙ୍କବାଦୀ ସଂଗଠନ ସହିତ ଏହାର ନିବିଡ ସମ୍ପର୍କ ରହିଛି । ଆତଙ୍କବାଦ ବିରୋଧରେ ବିଶ୍ୱବାସୀ ଚଳାଇଥିବା ଲଢେଇରେ ପାକିସ୍ତାନ କାହାର ପକ୍ଷ ନେଉଛି ତାର ଅନେକ ପ୍ରମାଣ ରହିଛି ।

### ପ୍ରଦ୍ୟୁମ୍ନ ହତ୍ୟାକାଣ୍ଡ ମାମଲା

## ନାବାଳକ ଅଭିଯୁକ୍ତର ସାବାଳକଭାବେ ବିଚାର ହେବ

ନୂଆଦିଲ୍ଲୀ ,୨୦/୧୨(ଏଜେନ୍ସି) : ଗତ ସେପ୍ଟେମ୍ବର ୮ରେ ଦିଲ୍ଲୀର ରିୟାନ ପବ୍ଲିକ ସ୍କୁଲରେ ହୋଇଥିବା ୨ୟ ଶ୍ରେଣୀର ଛାତ୍ର ପ୍ରଦ୍ୟୁମ୍ନ ହତ୍ୟାକାଣ୍ଡ ମାମଲାରେ ୧୭ ବର୍ଷର ଅଭିଯୁକ୍ତକୁ ସାବାଳକ ଭାବେ ଗ୍ରହଣ କରି ଅଦାଲତ ଶୁଣାଣି କରିବେ । ଗୁରୁଗାଓଁର ଜୁଭେନାଇଲ ନ୍ୟାୟିକ ବୋର୍ଡ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ଛାତ୍ର ଜଣକ ଅପରାଧରେ ଗିରଫ ହେବା ସମୟରେ ତା'ର ବୟସ ୧୬ ବର୍ଷ ୫ ମାସ ଥିଲା । ଫଳରେ ଅଭିଯୁକ୍ତ ଛାତ୍ରକୁ ଡିସେମ୍ବର ୨୨ରେ ଦୌରାଜଜ୍ ଅଦାଲତରେ ହାଜର ହେବାକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଅଭିଯୁକ୍ତ ୨୧ ବର୍ଷ ବୟସ ପର୍ଯ୍ୟନ୍ତ ବାଳ ସଂସ୍କାର କେନ୍ଦ୍ରରେ ରହିବ । ବାଳ ଅପରାଧ ଧାରା ୨୧ ଅନୁସାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁଦଣ୍ଡ ଦିଆଯାଇପାରିବ ନାହିଁ । ଅଭିଯୁକ୍ତକୁ ଦୀର୍ଘ ବର୍ଷର ଦଣ୍ଡ ଦିଆଯାଇପାରିବ ବୋଲି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ କହିଛନ୍ତି । ଏଥି ପୂର୍ବରୁ ଗତ ଶୁକ୍ରବାର ଅଭିଯୁକ୍ତ ନାବାଳକର ଜାମିନ୍ ଆବେଦନକୁ ଖାରଜ କରିଦେଇଥିଲେ । ସେ ଏବେ ଫରିଦାବାଦସ୍ଥିତ ବାଳ ସଂସ୍କାର କେନ୍ଦ୍ରରେ ରହିଛି ।

ଅଭିଯୁକ୍ତ ୧୧ଶ ଶ୍ରେଣୀରେ ପାଠ ପଢ଼େ । ଘଟଣା ଦିନ ସେ ପ୍ରଦ୍ୟୁମ୍ନକୁ ବାଥରୁମରେ ହତ୍ୟା କରି ଗାର୍ଡନର ଓ ଅନ୍ୟ ଜଣେ ଶିକ୍ଷକଙ୍କୁ କହିଥିଲା ଯେ, ପ୍ରଦ୍ୟୁମ୍ନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଥରୁମରେ ପଡିରହିଛି । ଏହି ଘଟଣାରେ ସିବିଆଇ ତଦନ୍ତ ପରେ ନଭେମ୍ବର ୮ରେ ଉକ୍ତ ସ୍କୁଲର ଉକ୍ତ ୧୧ଦଶ ଶ୍ରେଣୀର ଛାତ୍ର ମୁଖ୍ୟଅଭିଯୁକ୍ତ ବୋଲି ଜଣାପଡିବା ପରେ ତାକୁ ଗିରଫ କରାଯାଇଥିଲା । ଅଭିଯୁକ୍ତର ପିତା ମଧ ଜଣେ ଓକିଲ । ସିବିଆଇ ତାଙ୍କ ପୁଅକୁ ଫସାଇଥିବା ସେ ଅଭିଯୋଗ କରିଛନ୍ତି । ସେପଟେ ଜୁଭେନାଇଲ ନ୍ୟାୟିକ ବୋର୍ଡ ପକ୍ଷପାତପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ସେ ଅଭିଯୋଗ କରିଛନ୍ତି ।

## ଟିଭି ପ୍ରଡ୍ୟୁସର ସୋହେବ ଇଲିୟାସୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ନୂଆଦିଲ୍ଲୀ ,୨୦/୧୨(ଏଜେନ୍ସି) : ୧୭ ବର୍ଷ ତଳେ ନିଜ ପତ୍ନୀଙ୍କୁ ଯୌତୁକ ଜନୀତ କାରଣରୁ ହତ୍ୟା କରିଥିବା ଟିଭି ପ୍ରଯୋଜକ ସୋହେବ ଇଲିୟାସୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ସ୍ଥାନୀୟ ଅତିରିକ୍ତ ଦୌରା ଜଜ । ଏଥି ସହିତ ତାଙ୍କୁ ୨ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ମୃତ ପତ୍ନୀଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶରେ କୁହାଯାଇଛି ।

## ସରକାରୀ ହସପିଟାଲରେ ମହିଳାଙ୍କ ଶବକୁ ଖାଇଗଲେ ମୂଷା !

ହାଇଦ୍ରାବାଦ ,୨୦/୧୨(ଏଜେନ୍ସି) : ଏଠାରେ ଥିବା ଏକ ସରକାରୀ ହସପିଟାଲରେ ଜଣେ ୨୧ ବର୍ଷୀୟା ମହିଳାଙ୍କ ଶବକୁ ମୂଷାମାନେ ଖାଇଯାଇଛନ୍ତି । ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ୟୁ ମଧୁ ନାମକ ଜଣେ ମହିଳାଙ୍କ ଶବ ଓସମାନିଆ ହସପିଟାଲର ଶବାଗାରରେ ରଖାଯାଇଥିଲା । ଗତ ସୋମବାର ହବିବ ନଗରର ମଙ୍ଗାର ବସ୍ତୀରେ ଯୁବତୀଜଣକ ତାଙ୍କ ଘରେ ଆତ୍ମହତ୍ୟା କରିଥିଲେ । ପରେ ପୁଲିସ ତାଙ୍କ ଶବର ବ୍ୟବଛେଦ ପାଇଁ ଶବଟିକୁ ହସପିଟାଲକୁ ଆଣିଥିଲେ । ଶବଟିକୁ ମୂଷାମାନେ ଖାଇ ଯାଇଥିବା ଜଣାପଡିବା ପରେ ପୁଲିସ ଓ ଫରେନସିକ ବିଶେଷଜ୍ଞ ମାନେ ଘଟଣାର ଅନୁଧାନ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି ଯେ, ଉକ୍ତ ଶବାଗାରର ସବୁ ଏସି ଭଲ ଭାବେ କାମ କରୁଛି । ତେବେ ଶବାଗାରରେ ମୂଷାମାନେ କିପରି ୨ ଦିନ ମଧରେ ଶବଟିକୁ ଖାଇ ଗଲେ ତାହା ସମସ୍ତଙ୍କୁ ଚକିତ କରିଛି । ଏହି ଘଟଣାର ଭିନ୍ନ ଦିଗ ପ୍ରତି ମଧ ପୁଲିସ ଅନୁଧାନ କରୁଥିବା କହିଛି । ଏହି ପ୍ରସଙ୍ଗରେ ଉକ୍ତ ହସପିଟାଲର ଜଣେ ଡାକ୍ତର କହିଛନ୍ତି ଯେ, ଚିକିତ୍ସାରେ ଅବହେଳା ପାଇଁ ସିନା ଡାକ୍ତର ଦାୟୀହେବେ, ହସପିଟାଲର ସୁରକ୍ଷା ଓ ମୌଳିକ ଭିତ୍ତିଭୂମି ପାଇଁ ସେମାନେ କ'ଣ ଉତ୍ତରଦାୟୀ ହେବେ ? ଏକଥା ଦେଖିବା ହସପିଟାଲ ପ୍ରଶାସନର କାର୍ଯ୍ୟ



## ସେନାର ଆଧୁନୀକିକରଣରେ ମନ୍ଥରତାକୁ ନେଇ ସଂସଦୀୟ କମିଟିଙ୍କ ଉଦବେଗ

ନୂଆଦିଲ୍ଲୀ ,୨୦/୧୨(ଏଜେନ୍ସି) : ଚୀନ ଓ ପାକିସ୍ତାନ ତରଫରୁ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ର ସରକାର ପ୍ରତିରକ୍ଷା ପ୍ରତି ଆବଶ୍ୟକ ଗୁରୁତ୍ୱ ଦେଉନଥିବା ଦର୍ଶାଇଛନ୍ତି ସଂସଦୀୟ କମିଟି । ମେଜର ଜେନେରାଲ ବିସି ଖଣ୍ଡୁରୀଙ୍କ ଅଧକ୍ଷତାରେ ଗଠିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ସଂସଦୀୟ କମିଟି ତାଙ୍କର ସୁପାରିଶ ସମ୍ବଳିତ ୨ଟି ରିପୋର୍ଟ ଆଜି ଲୋକସଭାରେ ଉପସ୍ଥାପନ କରିଛନ୍ତି । ଏଥିରେ ଦର୍ଶଯାଇଛି ଯେ, ୧୯୬୨ ପରେ ଭାରତର ପ୍ରତିରକ୍ଷା ଖର୍ଚ୍ଚ ଜିଡିପି ତୁଳନାରେ ସବୁଠାରୁ କମ ସ୍ତରରେ ପହଞ୍ଚିଛି । ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରତିରକ୍ଷା ପାଇଁ ଯେଉଁ ୨.୭୪ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ତାହା ଭାରତର ଜିଡିପିର ମାତ୍ର ୧.୫୬% । ପ୍ରତିରକ୍ଷା ବିଭାଗର ଆଧୁନିକୀକରଣ ପାଇଁ ଉଦ୍ୟମ କରାଯାଉନଥିବାରୁ କମିଟି ତାଙ୍କ ରିପୋର୍ଟରେ ସରକାରଙ୍କୁ ସମାଲୋଚନା କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ସ୍ଥଳସେନା , ନୌସେନା ଓ ବାୟୁସେନା ସେମାନଙ୍କର ଆଧୁନିକୀକରଣ ପାଇଁ ଯେତିକି ଅର୍ଥ ଲୋଡିଥିଲେ ସେହି ତୁଳନାରେ ସେମାନଙ୍କୁ ଯଥାକ୍ରମେ ୬୦% , ୬୭% ଓ ୫୪% ଅର୍ଥ ବରାଦ ହୋଇଥିବାରୁ କମିଟି ଉଦବେଗ ପ୍ରକାଶ କରିଛନ୍ତି । ଭାରତର ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନ ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ର । ଚୀନ-ଭାରତ ସୀମା ବିବାଦ ବହୁ ପୁରୁଣା । ଚୀନ୍ ତା'ର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ ଓ ସୁଦୂରପ୍ରସାରୀ କରିବାରେ ଖୁବ୍ ତତ୍ପର । ଅପରପକ୍ଷେ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ କାୟାବିସ୍ତାର କରି ଚାଲିଛନ୍ତି । ପାକିସ୍ତାନରେ ଏବେ ୧୧୦ରୁ ୧୩୦ ପର୍ଯ୍ୟନ୍ତ ବ୍ୟବହାର ଉପଯୋଗୀ ଆଣବିକ ବୋମା,



ମୁଖ୍ୟତଃ ଭାରତ ବିପକ୍ଷରେ ପ୍ରୟୋଗ ପାଇଁ ରହିବାର ତଥ୍ୟ ଆମେରିକାର 'କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସ୍' ପ୍ରକାଶ କରିଛି । ଏଭଳି ସ୍ଥିତିରେ ଭାରତ ଅଧିକ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବା ଉଚିତ ବୋଲି କମିଟି ମତ ପ୍ରକାଶ କରିଛନ୍ତି ।

କମିଟି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଆମ ଦେଶରେ ପ୍ରତିରକ୍ଷା ବାହିନୀର ଆବଶ୍ୟକ ଯୁଦ୍ଧାସ୍ତ୍ର ଓ ଯୁଦ୍ଧୋପକରଣ ନିର୍ମାଣ ପାଇଁ ଡିଫେନ୍ସ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ସଂସ୍ଥା ଅଧୀନରେ ଅଛି ୫୨ ସଂଖ୍ୟକ ଲାବୋରେଟରୀ । ଏହା ବ୍ୟତୀତ ୩୯ଟି ଅର୍ଡାନ୍ସ ଫାକ୍ଟ୍ରି, ୪ଟି ସିପ୍‌ୟାର୍ଡ଼ ଓ ୫ଟି ପବ୍ଲିକସେକ୍ଟର ଅଣ୍ଡରଟେକିଙ୍ଗ୍ ରହିଛି । ଡିଫେନ୍ସ ପିଏସ୍‌ୟୁରେ ଦୁଇଲକ୍ଷ କର୍ମଚାରୀ ନିୟୋଜିତ ଥାଇ ଅମାପ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ଅପାରଗତା, ଅଯୋଗ୍ୟତା ଏବଂ ତିଳେମାତ୍ର ଉତ୍ତରଦାୟିତ୍ୱ ନ ଥିବା କାରଣରୁ ଆମ୍ଭ ଦେଶ ଯୁଦ୍ଧାସ୍ତ୍ର ନିର୍ମାଣରେ ସ୍ୱୟଂସଂପୂର୍ଣ୍ଣ ହୋଇପାରିନାହିଁ । ତେଣୁ ଆମ ଦେଶ ପ୍ରାୟ ୬୫ ପ୍ରତିଶତ ଯୁଦ୍ଧାସ୍ତ୍ର ବିଦେଶରୁ ଆମଦାନୀ କରିବାକୁ ବାଧ ହେଉଛି । ଚୀନ୍ ଓ ପାକିସ୍ତାନଠାରୁ ୩ଗୁଣରୁ ଅଧିକ ଅସ୍ତ୍ରଶସ୍ତ୍ର ଭାରତ ବିଦେଶରୁ କିଣିଥାଏ । ଯୁଦ୍ଧାସ୍ତ୍ର ଆମଦାନୀ କ୍ଷେତ୍ରରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧରେ ଭାରତର ସ୍ଥାନ ପ୍ରଥମ । କମିଟି ଦର୍ଶାଇଛନ୍ତି ଯେ, ବିଦେଶରୁ ଅସ୍ତ୍ରକିଣାରେ ଆମ ଦେଶ ହରାଉଛି ବିପୁଳ ପରିମାଣର ବୈଦେଶିକ ପୁଞ୍ଜି ଯାହାକି ଦେଶର ଅର୍ଥ ବ୍ୟବସ୍ଥାରେ ବିରାଟ ବୋଝ ପାଲଟିଛି । ବିଦେଶରୁ ଯୁଦ୍ଧାସ୍ତ୍ର ଆହରଣରେ ବିଳମ୍ବ ଘଟିବା କାରଣରୁ ପ୍ରତିରକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି । ଭାରତରେ ଘରୋଇ କମ୍ପାନୀ ଓ ବିଦେଶୀ କମ୍ପାନୀଗୁଡ଼ିକର ମିଳିତ ଉଦ୍ୟମରେ ଯୁଦ୍ଧାସ୍ତ୍ର ନିର୍ମାଣର ଏକ କେନ୍ଦ୍ରସ୍ଥାପିତ ହୋଇପାରିଲେ ଆମର ପ୍ରତିରକ୍ଷା ଆବଶ୍ୟକତା ମେଣ୍ଟାଇବା ସହ ବିଦେଶରେ ସେଗୁଡ଼ିକ ବିକ୍ରୟ କରି ଅର୍ଥନୈତିକ ଅବସ୍ଥା ସୁଧାରିବାରେ ଆମେ ସମର୍ଥ ହୋଇପାରିବୁ ବୋଲି ରିପୋର୍ଟରେ କୁହାଯାଇଛି ।

## 'ଡଃ ସାହେବଙ୍କୁ କ୍ଷମା ମାଗ' ଦାବିରେ ସଂସଦ ଅଚଳ

### କେହି କ୍ଷମା ମାଗିବାର ନାହିଁ: ଭେଙ୍କୟା ନାଇଡୁ

ନୂଆଦିଲ୍ଲୀ, ୨୦/୧୨(ଏଜେନ୍ସି) ଗୁଜରାଟ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଥିଲେ ଯେ, ଦେଶର ସବୁଠାରୁ ବଡ ଶତ୍ରୁ ପାକିସ୍ତାନ ସହ ହାତ ମିଳାଇ କଂଗ୍ରେସ ଗୁଜରାଟରେ କ୍ଷମତାକୁ ଆସିବାକୁ ଚାହୁଁଛି । ମୋଦି ଅଭିଯୋଗ କରିଥିଲେ ଯେ, ଗୁଜରାଟ ନିର୍ବାଚନରେ ପାକିସ୍ତାନ କଂଗ୍ରେସର ସହାୟତା କରୁଛି ଓ ଅହମ୍ମଦ ପଟେଲଙ୍କୁ ମୁଖ୍ୟମନ୍ତ୍ରୀ କରାଇବାକୁ ଚାହୁଁଛି । କିଛି ଦିନ ତଳେ କଂଗ୍ରେସ ନେତା ମଣିଶଙ୍କର ଆୟରଙ୍କ ବାସ ଭବନରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ପୂର୍ବତନ ଉପରାଷ୍ଟ୍ରପତି ହମୀଦ ଅନସାରୀଙ୍କ ଉପସ୍ଥିତିରେ ପାକିସ୍ତାନର ଜଣେ ପୂର୍ବତନ ବୈଦେଶିକ ମନ୍ତ୍ରୀ , ପ୍ରାକ୍ତନ ସେନାଧକ୍ଷ ଓ ପାକ୍ ହାଇକମିଶନରଙ୍କ ମଧରେ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କଂଗ୍ରେସ ନେତା ଅହମ୍ମଦ ପଟେଲଙ୍କୁ ଗୁଜରାଟର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ପାକିସ୍ତାନ କଂଗ୍ରେସ ସହିତ ମିଶି ମନ୍ତ୍ରଣା କରିଥିବା ମୋଦି କହିଥିଲେ । ଏହି ପ୍ରସଙ୍ଗରେ ଅଭିଯୋଗକୁ ଖଣ୍ଡନ୍ କରି କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲା । ଏବେ ସଂସଦର ଉଭୟ ଗୃହରେ ଏହି ପ୍ରସଙ୍ଗରେ ମୋଦି କ୍ଷମା ମାଗନ୍ତୁ ବୋଲି ଦାବି କରି କଂଗ୍ରେସ ସଂସଦର କୌଣସି ଗୃହରେ କିଛି କାମ କରାଇ ଦେଉ ନାହିଁ । 'ଡଃ ସାହେବଙ୍କୁ କ୍ଷମା ମାଗ' ବୋଲି ନାରା ଦେଇ କଂଗ୍ରେସ ସାଂସଦ ମାନେ ଉଭୟ ଗୃହରେ ହଙ୍ଗାମା କରୁଥିବା ଦେଖିବାକୁ ମିଳିଛି । ଏଥି ଯୋଗୁଁ ଉଭୟ ଲୋକସଭା ଓ ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଆଜି ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ କଂଗ୍ରେସ ସାଂସଦ ମାନେ ଗୃହର ମଧ ଭାଗକୁ ଆସି ଏଭଳି ହଙ୍ଗାମା କରିଥିଲେ । ଫଳରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଅନୁରୂପ ସ୍ଥିତି ରାଜ୍ୟସଭାରେ ମଧ ଦେଖିବାକୁ ମିଳିଥିଲା । ଏଥି ପାଇଁ ଗୃହକୁ ୨ ଥର ମୁଲତବୀ କରିବାକୁ ପଡିଥିଲା । ତେବେ କଂଗ୍ରେସ ସାଂସଦଙ୍କ ଏଭଳି ହଙ୍ଗାମାରେ ବିରକ୍ତି ପ୍ରକାଶ କରି ଅଧକ୍ଷତା କରୁଥିବା ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ କହିଥିଲେ ଯେ, କେହି ଗୃହରେ ଏଭଳି କିଛି କହି ନାହାନ୍ତି ତେଣୁ କ୍ଷମା ମାଗିବାର ପ୍ରଶ୍ନ ଉଠୁ ନାହିଁ । ଏହା ପରେ କଂଗ୍ରେସ ସାଂସଦ ମାନେ ପୁଣି ଆହୁରି ହଙ୍ଗାମା କରି କହିଥିଲେ ଯେ, ସତ ସାହସ ଅଛି ତ ପ୍ରଧାନମନ୍ତ୍ରୀ ଗୃହରେ ସେହି କଥା କହି ଦେଖନ୍ତୁ ।

### ଆମେରିକା ମନେ ପକାଇ ଦେଲା:

## ହାଫିଜ ମୁଣ୍ଡ ପାଇଁ ୧ କୋଟି ଡଲାର ପୁରସ୍କାର ଘୋଷିତ ହୋଇଛି

ଇସଲାମାବାଦ, ୨୦/୧୨(ଏଜେନ୍ସି)ହାଫିଜ୍ ସିଇଦର ଆତଙ୍କବାଦୀ ସଂଗଠନ ଜମାତ୍-ଉଦ୍-ଦାବା ୨୦୧୮ରେ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ମିଲି ମୁସଲମ୍ ଲିଗ୍ ନାମରେ ଅଂଶଗ୍ରହଣ କରିବ ବୋଲି ପୂର୍ବରୁ ଘୋଷଣା କରାଯାଇଛି । ମିଲି ମୁସଲମ୍ ଲିଗ୍ ବା ଏମଏମଏଲ ଭାବେ ଏକ ନୂଆ ରାଜନୈତିକ ଦଳକୁ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜୀକରଣ କରିବ ବୋଲି ହାଫିଜ ଘୋଷଣା କରିଥିବା ବେଳେ ହାଫିଜର ଏମଏମଏଲ ଦଳ ସହ ମେଣ୍ଟ କରିବାକୁ ପାକିସ୍ତାନର ପୂର୍ବତନ ସେନା ଶାସକ ପରଭେଜ ମୁଶାରଫ ଘୋଷଣା କରିସାରିଛନ୍ତି । ପାକିସ୍ତାନରେ ଏବେ ହାଫିଜର ରାଜନୈତିକ ପ୍ରବେଶ ନେଇ ବେଶ ଉତ୍ସାହ ଦେଖିବାକୁ ମିଳୁଛି । ଏହି ଅବସରରେ ଆମେରିକା ବିଶ୍ୱବାସୀଙ୍କୁ ମନେ ପକାଇ ଦେଇ କହିଛି ଯେ, କେହି ଭୁଲିବା ଉଚିତ ନୁହେଁ ଯେ, ହାଫିଜ ଜଣେ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ । ତା' ମୁଣ୍ଡ ପାଇଁ ୧୦ଲକ୍ଷ ନିୟୁତ ଡଲାର ପୁରସ୍କାର ଘୋଷଣା କରାଯାଇଛି । ପ୍ରକାଶ ଥାଉକି ଗତ ମାସ ୨୪ ତାରିଖରେ ସଇଦ୍ ମୁକ୍ତ ହେବାପରେ ନିଜକୁ ଆଉ ଆତଙ୍କବାଦୀ ମଣୁନାହିଁ । ସେ ଏବେ ନିଜକୁ ଏକ ରାଜନେତା ଭାବୁଛି । ଲସ୍କର-ଇ-ତୋଇବା, ଜମାତ-ଉଦ୍-ଦାବା, ଲସ୍କର-ଇ-ଜଙ୍ଗଭୀ ଭଳି ଏକାଧିକ ଆତଙ୍କବାଦୀ ସଂଗଠନକୁ ପ୍ରତିଷ୍ଠା କରି ଭାରତ ବିରୁଦ୍ଧରେ ଅଭିଯାନ ଚଳାଇଥିବା ସଇଦ ଏବେ ପାକିସ୍ତାନର ଗେହ୍ଲା ପୁଅ ହୋଇଛି । ସେଠାରେ ତାର ସମର୍ଥକଙ୍କ ସଂଖ୍ୟା ମଧ କିଛି କମ୍ ନୁହେଁ । ସେଠାରେ ନିର୍ବାଚିତ ସରକାର ଓ ଆଇଏସଆଇ ମଧରେ ସମନ୍ୱୟ ରହୁନଥିବାରୁ ସବୁବେଳେ ଅଶାନ୍ତି ସୃଷ୍ଟି ହେଉଛି । ତେଣୁ ସଇଦ ଆଇଏସଆଇ ସହ ଉତ୍ତମ ସମ୍ପର୍କ ରଖି ଏବେ କ୍ଷମତା ହାତେଇବାକୁ ଚାହୁଁଛି । ସଇଦ୍ କ୍ଷମତାକୁ ଆସିଲେ ଭାରତ ଠାରୁ କାଶ୍ମୀରକୁ ଛଡାଇ ନେବ ବୋଲି ଧମକ ଦେଇଛି ।



## ଶୁକ୍ରବାର ଚୀନ-ଭାରତ ସୀମା ଆଲୋଚନା

ବେଜିଂ, ୨୦/୧୨(ଏଜେନ୍ସି) ଗତ ଜୁନ ୧୬ ତାରିଖରୁ ଡୋକଲାମ ଠାରୁ ଅନତୀ ଦୂରରେ ଚୀନର ଲିବରେସନ୍ ଆର୍ମି ଏକ ସବୁଦିନିଆ ରାସ୍ତା ନିର୍ମାଣ କରୁଥିବାରୁ ଭାରତ ଓ ଚୀନ ସେନା ମୁହାଁ ମୁହିଁ ହୋଇଥିଲେ । ଭାରତ ଉକ୍ତ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲା । ଏହାପରେ ଗତ ଅଗଷ୍ଟ ୨୮ ତାରିଖରେ ଚୀନ ସେନା ନିର୍ମାଣ କାର୍ଯ୍ୟ ବନ୍ଦ କରିବାରୁ ସ୍ଥିତି ସାମାନ୍ୟ ଥଣ୍ଡା ପଡିଥିଲା । ହେଲେ ଏବେ ଚୀନ ସେଠାରେ ସୈନ୍ୟ ଠୁଳ କରୁଥିବାରୁ ଭାରତ ମଧ ସୈନ୍ୟ ଠୁଳ କରିବାରେ ଲାଗିଛି । ୭୩ ଦିନର ମୁହାଁ ମୁହିଁ ପରିସ୍ଥିତିରେ ଡୋକଲାମରେ ସ୍ଥିତାବସ୍ଥା ଫେରିଥିବା କୁହାଯାଉଥିବାବେଳେ କିନ୍ତୁ ପ୍ରକୃତରେ ପରିସ୍ଥିତି ଭିନ୍ନ ରହିଛି । ଏହି ପରିପ୍ରେକ୍ଷୀରେ ପୁଣି ଉଭୟ ପକ୍ଷ ଆଲୋଚନା ପାଇଁ ପ୍ରସ୍ତୁତ ହୋଇଛନ୍ତି । ଚୀନର ରାଷ୍ଟ୍ରୀୟ ପରାମର୍ଶଦାତା ତଥା ସ୍ୱତନ୍ତ୍ର ପ୍ରତିନିଧି ୟାଙ୍ଗ ଯେଇଚି ଆସନ୍ତା ୨୨ ତାରିଖରେ ନୂଆଦିଲ୍ଲୀ ଗସ୍ତରେ ଆସିବେ । ତାଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ଏହି ଆଲୋଚନା ପୂର୍ବରୁ ଚୀନର ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ହୁଆ ଚନ୍‌ୟିଙ୍ଗ କହିଛନ୍ତି ଯେ, ଏହା ସୀମା ବିବାଦର ସମାଧାନ କଳାଭଳି ଉଚ୍ଚସ୍ତରୀୟ ବୈଠକ ନୁହେଁ ଏହା କେବଳ ରଣନୀତିକ ସମ୍ବାଦ ପାଇଁ ଉଦ୍ଦିଷ୍ଟ ଆଲୋଚନା । ପ୍ରକାଶ ଥାଉକି ଗତ ମାସ ୧୭ ତାରିଖରେ ଚୀନ-ଭାରତ ସୀମା ବ୍ୟାପାର ସଂକ୍ରାନ୍ତରେ ଉଭୟ ପକ୍ଷ ୧୦ମ ପର୍ଯ୍ୟାୟ ଆଲୋଚନା କରିଥିଲେ । ସୀମାନ୍ତରେ ଉତ୍ତେଜନା ହ୍ରାସ କରିବା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା । କିନ୍ତୁ ଏଥିରେ ଡୋକଲାମ ପ୍ରସଙ୍ଗ ସ୍ଥାନ ପାଇଥିଲା କି ନାହିଁ ତାହାର ଉତ୍ତର ଦେବାକୁ ଯାଇ ଚୀନର ପ୍ରତିରକ୍ଷା ପ୍ରବକ୍ତା କହିଥିଲେ ଯେ, ଡୋକଲାମକୁ ନେଇ କୌଣସି ବିବାଦ ନାହିଁ କାରଣ ଏହା ଚୀନର ।

# ହିନ୍ଦୁ ଆଧ୍ୟାତ୍ମ ଓ ସେବା ମେଳାରେ କନ୍ୟାପୂଜନ



ଭୁବନେଶ୍ୱର,୨୦/୧୨ (ଶ୍ରୁ.ମି): ଭାରତୀୟ ପରମ୍ପରାରେ ନାରୀଙ୍କୁ ଦେବୀଙ୍କ ପରି ପୂଜା କରାଯାଉଥିବାରୁ ସେମାନଙ୍କ ସ୍ଥାନ ଉଚ୍ଚରେ ଏବଂ ନାରୀ ପୂଜା ନାରୀମାନଙ୍କୁ ମଧ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ସ୍ଥାନ ପ୍ରଦାନ କରିଛି । ଅପର ପକ୍ଷରେ ପାଶ୍ଚାତ୍ୟ ଜଗତରେ ନାରୀଙ୍କୁ ଦୁର୍ବଳ ବୋଲି ଗ୍ରହଣ କରାଯାଇଛି । ଈଶ୍ୱରଙ୍କୁ କେବଳ ପୁରୁଷ ରୂପରେ ହିଁ ଦର୍ଶା ଯାଇଛି । ଏହି କାରଣରୁ ପାଶ୍ଚାତ୍ୟ ଜଗତରେ ନାରୀର ସ୍ଥାନ ପୁରୁଷ ତୁଳନାରେ ଅପେକ୍ଷାକୃତ ହୀନ ମନେ କରାଯାଏ । ଭାରତୀୟ ପରମ୍ପରାରେ ନାରୀର ସ୍ଥାନ ସର୍ବୋପରି । ଭାରତରେ ଦେବତାମାନଙ୍କୁ କେବଳ ନାରୀ ରୂପରେ ପୂଜା କରାଯାଇ ନାହିଁ ଅପିତୁ ଏଠାରେ ନାରୀମାନଙ୍କୁ ଦେବୀରୂପରେ ପୂଜା କରାଯାଇଛି । କନ୍ୟା ଏବଂ ମହିଳା ସମ୍ମାନର ଏକ ଅଂଶ ହେଉଛି ମାତୃତ୍ୱ ପ୍ରତି ସମ୍ମାନବୋଧ । ଭାରତୀୟ ସମାଜରେ ମାତା ଏବ ମାତୃତ୍ୱ ପ୍ରତି ଗଭୀର ଶ୍ରଦ୍ଧାଭାବ ରହିଛି । ମହିଳାମାନେ ଭାରତୀୟ ସମାଜ ଏବଂ ସଂସ୍କୃତିର ମୁଖ୍ୟକେନ୍ଦ୍ର ଅଟନ୍ତି । ତେଣୁ ପାରମ୍ପରିକ ମୂଲ୍ୟବୋଧ ହିଁ ଭାରତରେ କନ୍ୟା ଏବଂ ମହିଳାମାନଙ୍କୁ ସୁରକ୍ଷିତ ରଖିପାରିବ । ଏହି କାରଣରୁ ଭାରତ ବର୍ଷରେ କନ୍ୟାମାନଙ୍କ ପୂଜନ କରାଯାଇଥାଏ ବୋଲି ରାଷ୍ଟ୍ରସେବିକା ସମିତି,ଓଡିଶାର ରାଜ୍ୟ ସଂପର୍କ ପ୍ରମୁଖ ସୁଶ୍ରୀ ସୁଚିତ୍ରା ମହାପାତ୍ର ଆଜି କନ୍ୟା ପୂଜନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହା ପ୍ରକାଶ କରିଛନ୍ତି । ରାଜଧାନୀର ପଦର୍ଶନୀ ପଡିଆ ଠାରେ ନୈତିକ ଓ ସାଂସ୍କୃତିକ ପ୍ରଶିକ୍ଷାଣାର୍ଥେ ପ୍ରଚେଷ୍ଟା ଫାଉଣ୍ଡେସନ(ଆଇ.ଏମ୍.ସି.ଟି )ପକ୍ଷରୁ ଅନୁଷ୍ଠିତ ହେଉଥିବା ଚାରି ଦିବସୀୟ ହିନ୍ଦୁ ଆଧ୍ୟାତ୍ମିକ ଏବଂ ସେବା ମେଳାର ଦ୍ୱିତୀୟ ଦିବସ ଅବସରେ ନିଆରା ପୂଜନ ଭାବରେ କନ୍ୟା ପୂଜନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କି ୫୦୦ରୁ ଉର୍ଦ୍ଧ୍ୱ ବାଳିକାଙ୍କୁ ପୂଜା କରାଯାଇଥିଲା । ଏହି ଅବସରରେ ଛୋଟ ପିଲାମାନେ ଜଗନ୍ନାଥାଷ୍ଟକମ୍ ଗାନ କରିଥିଲେ । ପାଇକ ଆଖଡା, ରଜ ନୃତ୍ୟ ଆଦି ମଧ୍ୟ ପରିବେଷଣ କରିଥିଲେ ବୋଲି ମେଳାର ମିଡିଆ ସଂଯୋଜକ ଗୋଲଖ ଦାସ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ମହାନଗର ସଂପର୍କ ପ୍ରମୁଖ ଜୟକୃଷ୍ଣ ପୃଷ୍ଟି ଏବଂ ଆଇଏମ୍‌ସିଟିର ସାଧାରଣ ସଂପାଦକ ଦେବ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ । ଶ୍ରୀ ମିଶ୍ର କହିଲେ ଯେ,ଆଇଏମ୍‌ସିଟି କନ୍ୟା ବନ୍ଦନା ଓ ଶୁଭାଷିନୀ ବନ୍ଦନା ଉପରେ ଗୁରୁତ୍ୱ ଦେଇ ଆସୁଛି । ଏହାକୁ ଏକ ନୂତନ ସ୍ୱରୂପ ଦେବାକୁ ହେବ । ଏଣୁ କନ୍ୟା, ମହିଳା ଏବଂ ମାତୃତ୍ୱ ପୂଜନର ପରମ୍ପରାକୁ ପୁନଃ ସ୍ଥାପିତ କରିବାକୁ ପଡିବ ।

ସୁଶ୍ରୀ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଯେ, ପାରମ୍ପରିକ ମୂଲ୍ୟବୋଧ ହିଁ ଭାରତରେ କନ୍ୟା ଏବଂ ମହିଳାମାନଙ୍କୁ ସୁରକ୍ଷିତ ରଖି ପାରିବ । ପ୍ରାଚୀନ ଭାରତୀୟ ସାହିତ୍ୟରେ ଏପରି ଅନେକ ଉଦାହରଣ ରହିଛି । ଯେତେବେଳେ କୌଣସି ନାହୀ ପ୍ରତି ଅନ୍ୟାୟ କରାଯାଇଛି ସେତେବେଳେ ସେହି ଏକାକୀ ନାରୀ ଯୋଗୁଁ ରାଜା ଏବଂ ସମ୍ରାଟ ମାନଙ୍କର ସାମ୍ରାଜ୍ୟ ନଷ୍ଟ ଭ୍ରଷ୍ଟ ହୋଇଛି । ଯେବେ ଯେବେ ନାରୀମାନଙ୍କ ପ୍ରତି ଅପରାଧ କରାଯାଇଛି ସେତେବେଳେ ସମ୍ପୂର୍ଣ୍ଣ ଦେଶ ଏକାଠି ଠିଆ ହୋଇଛି ଏବଂ ଅପରାଧର ଭର୍ତ୍ସନା କରିଛି । ଅପରାଧୀ ବିରୋଧରେ କଠୋର ଦଣ୍ଡ ପାଇଁ ମଧ୍ୟ ଦାବି କରିଛି ବୋଲି ସେ ପ୍ରକାଶ କରିଥିଲେ । ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ବେଦଧ୍ୱନୀ ମଧ୍ୟରେ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ମେଳା ଉଦ୍‌ଘାଟନ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଏଚେଏସ୍‌ଏସ୍‌ଏଫ୍‌ର ଅଖିଳ ଭାରତୀୟ ସହସେବା ପ୍ରମୁଖ ଶ୍ରୀ ଗୁଣବନ୍ତ ସିଂହ କୋଠାରୀ ଓ ଟ୍ରଷ୍ଟି ରାଜଲକ୍ଷ୍ମୀ ଦ୍ୱାରା ଷ୍ଟଲ ଉଦ୍‌ଘାଟନ ହୋଇଥିଲା । ଏହି ହିନ୍ଦୁ ଆଧ୍ୟାତ୍ମିକ ଓ ସେବା ମେଳା ଡିସେମ୍ବର ୨୨ ତାରିଖରେ ଉଦ୍‌ଯାପିତ ହେବ । ୧୯ ତାରିଖ ଅପରାହ୍ନରେ ୟୁନିଟ ଦୁଇ ସ୍ଥିତ ତାରିଣୀ ମନ୍ଦିରଠାରେ ବଡ ଦେଉଳରୁ ମହାପ୍ରଭୁଙ୍କ ସେବକବୃନ୍ଦଙ୍କ ଦ୍ୱାରା ଅଣାଯାଇଥିବା ଶ୍ରୀଜଗନ୍ନାଥଙ୍କ 'ପ୍ରସାଦମାଳାକୁ ' ସ୍ୱାଗତ କରାଯାଇଥିଲା । ଶଙ୍ଖ ଓ ଘଂଟଧ୍ୱନୀ ତଥା ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ବିରାଟ ପଟୁଆରରେ ମାଷ୍ଟରକ୍ୟାଂଟିନ, ରାମ ମନ୍ଦିର ଛକ ବାଟେ ମେଳା ସ୍ଥଳକୁ ପାଛୋଟି ନିଆଯାଇଥିଲା । ଆଜ୍ଞାମାଳ ପହଂଚିବା ପରେ ମଂଚ ଉପରେ କଳସ ସ୍ଥାପନା, ଶ୍ରୀଜଗନ୍ନାଥ ପୂଜନ ତଥା ଗୋମାତା, ଗୁପ୍ତଗଙ୍ଗା ବୈତରଣୀ ଓ ବୃକ୍ଷକୁ ନେଇ ପ୍ରକୃତି ପୂଜନ ଅନୁଷ୍ଠିତ ହୋଇଥିଲା ।

## ଦ୍ୱିତୀୟ ହିନ୍ଦୁ ଆଧ୍ୟାତ୍ମିକ ସେବା ମେଳା ଗଜପତି ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ

ମେଳାକୁ ଉଦ୍‌ଘାଟନ କରିବା ସହିତ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ଆଶ୍ରୀବଚନ ପ୍ରଦାନ କରି କହିଥିଲେ ଯେ, ବୈଦିକ ଭାରତ ଓ ବର୍ତ୍ତମାନର ଭାରତ ମଧ୍ୟରେ ବହୁତ ଫରକ । କିଛି ବର୍ଷହେବ ଆମେ ଭୌତିକ ପ୍ରଗତି ଦ୍ୱାରା ପ୍ରଭାବିତ । ସାମାଜିକ ଜୀବନ, ସାମ୍ବିଧାନିକ ଜୀବନ, ପାରମ୍ପରିକ ଜୀବନ ଏବେ ଭୌତିକ ସଂସ୍କୃତି ଦ୍ୱାରା ଛନ୍ଦି ହୋଇ ଯାଇଛି । ଭାରତ ଦୁଇଟି ସଂସ୍କୃତିରେ ଫସି ଯାଇଛି । ଦୁଇ ନାବରେ ଗୋଡ ଦେଲେ ଯାହା ହୁଏ ଏବେ ଆମ ପରିସ୍ଥିତି ସେୟା ହୋଇଛି । ପୁରାତନ ଭାରତରେ ଆଧ୍ୟାତ୍ମ ସଂସ୍କୃତି, ଦିବ୍ୟ ପରମ୍ପରା, ଚେତନା ଚୈତନ୍ୟ ଭରି ରହିଥିଲା । ସଂସାରରେ ବାସ୍ତବ ସ୍ୱରୂପ ହେଉଛି ପରମାତ୍ମା । ଯାହାକୁ ଆମର ପୂର୍ବପୁରୁଷ ଓ ମୁନି ଋଷିମାନେ କହି ଯାଇଛନ୍ତି । ଏବେ ଆମେ ଆଧ୍ୟତ୍ମିକତା ଠାରୁ ଦୂରେଇ ଯାଉଛୁ । ପାଶ୍ଚାତ୍ୟର ଇନ୍ଦ୍ରିୟ ଶୁଖରେ ବିଭୋର ହୋଇଯାଇଛୁ । ପାଶ୍ଚାତ୍ୟ ସଂସ୍କୃତି ଭାରତରେ ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଯେଉଁଥି ପାଇଁକି ଭଲ ବ୍ୟକ୍ତି ନିର୍ମାଣ ହୋଇ ପାରୁନାହାଁନ୍ତି । ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ଶିକ୍ଷାନୁଷ୍ଠାନରେ ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତିର ଆବଶ୍ୟକ । ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ହେଲେ ଉତମ ଚରିତ୍ର ନିର୍ମାଣ ମୂଲ୍ୟବୋଧ ଭିତିକ ରାଷ୍ଟ୍ର ନିର୍ମାଣ ହୋଇ ପାରିବ । ଆମେ ଏକ ନୂଆ ଭାରତରେ ପ୍ରବେଶ କରି ପାରିବା । ତେଣୁ ଆମେ ଆଧ୍ୟାତ୍ମିକ ନାବରେ ବସିଲେ ଦେଶର ପ୍ରଗତି ସମ୍ଭବ ହୋଇ ପାରିବ । ଆଧ୍ୟାତ୍ମ ଦର୍ଶନ ଓ ବିଦ୍ୟାରେ ମଧ୍ୟ ଭୌତିକ ପ୍ରଗତି ଅଛି । ଧର୍ମ ମାଧ୍ୟମରେ ଏହା ସମ୍ଭବ ହୋଇ ପାରିବ । ଆଧ୍ୟାତ୍ମିକ ଜୀବନ ଯୋଗୁ ଭାରତ ସୁନାର ଚଢେଇ ଥିଲା । ଭାରତୀୟ ସମ୍ବିଧାନ ଦ୍ୱାରା ଶିକ୍ଷାରେ ପବିବର୍ତନ ଆଣି ଆଧ୍ୟାତ୍ମିକ ଶିକ୍ଷା ମାଧ୍ୟମରେ ପୁଣି ଥରେ ଆମେ ଭାରତକୁ ବିଶ୍ୱ ଗୁରୁ ପଦରେ ବସାଇ ପାରିବା ବୋଲି ଶ୍ରୀ ଗଜପତି ମହାରାଜ ପ୍ରକାଶ କରିଛନ୍ତି । ଅତିଥି ରୂପେ ଯୋଗଦେଇ ହିନ୍ଦୁ ଆଧ୍ୟାତ୍ମିକ ଏବଂ ସେବା ମେଳାର ଉତର ଭାରତ ସଂଯୋଜକ ସୋମକାନ୍ତ ଜୀ କହିଲେ ଯେ,ଈଶ୍ୱର ସର୍ବତ୍ର ବିରାଜମାନ, ଜଗତର କଲ୍ୟାଣରେ ହିଁ ମୋକ୍ଷ ନିହିତ । ଏହା ଭାରତର ବିଚାର ଓ ଭାରତର ପରମ୍ପରା । ପାଶ୍ଚାତ୍ୟ ଜୀବନଶୈଳୀ ପ୍ରତି ଆକୃଷ୍ଟ ହୋଇ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତା ଠାରୁ କ୍ରମଶଃ ଦୁରେଇ ଯାଉଥିବାରୁ ଯୁବପୀଢିକୁ ପୁନଶ୍ଚ ଆମ ପରମ୍ପରା ପ୍ରତି ଆକୃଷ୍ଟ କରିବା ପାଇଁ ତଥା ବନ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା, ମାନବୀୟ ଏବଂ ପାରିବାରିକ ମୂଲ୍ୟବୋଧର ସଂରକ୍ଷଣ, ରାଷ୍ଟ୍ରଭକ୍ତିର ଜାଗରଣ ଆଦି ଗୁଣ ଗୁଡିକ ଭାରତୀୟ ଯୁବବର୍ଗ ଭିତରେ ବିକାଶ କରିବା ନିମନ୍ତେ ଏହି ମେଳା ଯୁବପୀଢିମାନଙ୍କ ପାଇଁ ପଥ ପଦର୍ଶକ ସାଜିବ ।

# ଦୀପିକା ଇସ୍ପାତ ଶିକ୍ଷା ସଦନର ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ମେଧାବୃତ୍ତି ଲାଭ



ରାଉରକେଲା,୨୦/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇସ୍ପାତ ସହରର ଅବହେଳିତ ବର୍ଗର ପିଲାମାନଙ୍କ ନିମନ୍ତେ ପରିଚାଳିତ ନିଃଶୁଳ୍କ ଶିକ୍ଷାନୁଷ୍ଠାନ, ଦୀପିକା ଇସ୍ପାତ ଶିକ୍ଷା ସଦନର ଛାତ୍ରୀ, ବର୍ଷା ନାଗ ପଞ୍ଚମ ଶ୍ରେଣୀରେ ଉଚ୍ଚ ପ୍ରାଥମିକ ମେଧାବୃତ୍ତି ଲାଭ କରି ବିଦ୍ୟାଳୟ ତଥା ଇସ୍ପାତ ସହର ପାଇଁ ଗୌରବ ଆଣିଦେଇଛନ୍ତି । ଉଲ୍ଲେଖନୀୟ ଯେ, ଦୀପିକା ଇସ୍ପାତ ଶିକ୍ଷା ସଦନର ପରିଚାଳନା ଦାୟିତ୍ୱଭାର ରାଉରକେଲାର ଅଗ୍ରଣୀ ଜନହିତୈଷି ଅନୁଷ୍ଠାନ ଦୀପିକା ମହିଳା ସଂହତି ଉପରେ ନ୍ୟସ୍ତ ରହିଛି । ସମ୍ପ୍ରତି ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତା ବର୍ଷା ନାଗ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ମେଧାବୃତ୍ତି ରାଶି ଆକାରରେ ୨୦୧୭ ଅପ୍ରେଲ ୧ ତାରିଖରୁ ଦୁଇ ବର୍ଷ ପର୍ଯ୍ୟନ୍ତ ବିଶ୍ରା ବ୍ଲକ ଅଧୀନରେ ମାସିକ ୨୦୦ ଟଙ୍କା ବୃତ୍ତି ରାଶି ପାଇବେ । ରାଉରକେଲା ନଗର ନିଗମ ତଥା ବିଶ୍ରା ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ଶହଶହ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ଏହି ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୪ ଜଣ କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଷା ଅନ୍ୟତମ ଅଟନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ଅନୁଷ୍ଠିତ ନଗର ନିଗମ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ବର୍ଷା ଦ୍ୱିତୀୟ ପୁରସ୍କାର ଲାଭ କରିଥିଲେ । ଦୀପିକା ଇସ୍ପାତ ଶିକ୍ଷା ସଦନ ଏହାର ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକ ବର୍ଷ ସେମାନଙ୍କର ସମସ୍ତ ପାଠ୍ୟ ପୁସ୍ତକ, ଉପକରଣ ତଥା ସ୍କୁଲ ଜୋତା ଏବଂ ସ୍କୁଲ ବ୍ୟାଗ୍ ମାଗଣାରେ ଯୋଗାଇଦେଇଥାଏ । ଛାତ୍ରଛାତ୍ରୀମାନଙ୍କୁ ଆରଏସ୍‌ପିର ଅକ୍ଷୟ ପାତ୍ର ପ୍ରକଳ୍ପ ଜରିଆରେ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି । ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଅଧ୍ୟୟନ ସହିତ ସାମଗ୍ରିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଦୀପିକା ଇସ୍ପାତ ଶିକ୍ଷା ସଦନ ଇସ୍ପାତ ସହରର ଗରିବ ଶ୍ରେଣୀର ବହୁ ଛାତ୍ରଛାତ୍ରୀଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିବା ତଥା ସେଗୁଡିକର ସଫଳ ରୂପାୟନ ପାଇଁ ଅନୁପ୍ରେରିତ କରୁଛି ।

# ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୨୮ ଟି ଦଳର ଅଂଶଗ୍ରହଣ





ରାଉରକେଲା,୨୦/୧୨ (ଶ୍ରୁ.ମି): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା ଇସ୍ପାତ ଷ୍ଟାଡିୟମ ଠାରେ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୧୬-୧୭ର ଉଦ୍‌ଯାପନୀ ଉତ୍ସବ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ସିଇଓ, ଶ୍ରୀ ଅଶ୍ୱିନୀ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ଇଡି ଶ୍ରୀ ପି.କେ ପ୍ରଧାନ, ସହର ପ୍ରଶାସନ ବିଭାଗର ଜିଏମ ଶ୍ରୀ ଏନ.କେ ସାମନ୍ତରାୟ ଏବଂ ସିଏସ୍‌ଆର ତଥା କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଅତିଥିମାନେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଓ ଫ୍ରେଣ୍ଡ୍‌ସ ଆଣ୍ଡ ଫ୍ରେଣ୍ଡସ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ମଧ୍ୟ ଉପଭୋଗ କରିଥିଲେ । ଏଥିରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା । ଫାଇନାଲ୍‌ରେ ପହଞ୍ଚିଥିବା ଉଭୟ ଦଳ ଲାଠିକଟା ବ୍ଲକ ଅନ୍ତର୍ଗତ ଜଳଦାର ଅଟନ୍ତି । ଯୁବ ଫୁଟବଲ ଖେଳାଳିମାନଙ୍କୁ ଉଦ୍‌ବୋଧ ଦେଇ ଶ୍ରୀ କୁମାର କହିଲେଯେ, ସମର୍ପିତ ଓ ନିରବଚ୍ଛିନ୍ନ ପ୍ରୟାସ ଦ୍ୱାରା ଆପଣମାନେ ନିଜର ରୁଚିକୁ ସଫଳ କ୍ୟାରିୟରରେ ପରିବର୍ତ୍ତିତ କରିପାରିବେ । ଆପଣମାନେ ଖେଳରେ ଉତ୍କର୍ଷତା ହାସଲ କରନ୍ତୁ ଏବଂ ନାକେବଳ ରାଉରକେଲା ବା ସୁନ୍ଦରଗଡ ବରଂ ସମଗ୍ର ରାଜ୍ୟ ଓ ଦେଶ ପାଇଁ ଆପଣ ଗୌରବ ଆଣିଦିଅନ୍ତୁ, ଏହା ମୁଁ କାମନା କରୁଛି । ମଧ୍ୟାନ୍ତରରେ ସିଇଓ ଏବଂ ଅନ୍ୟ ଅତିଥିମାନେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ସହିତ ପରିଚିତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ୨୦୧୨-୧୩ ମସିହାରୁ ଆରଏସ୍‌ପିର ସିଏସ୍‌ଆର ବିଭାଗ ଦ୍ୱାରା ପାର୍ଶ୍ୱାଞ୍ଚଳ ଗ୍ରାମର ଯୁବପିଢିଙ୍କ ନିମନ୍ତେ ସମ୍ବର୍ଦ୍ଧନ ବ୍ୟାନରରେ ଏଭଳି କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଉଛି । କିନ୍ତୁ ୨୦୧୬-୧୭ରେ ପ୍ରଥମ ଥର ପାଇଁ ଆରଏସ୍‌ପି ପ୍ରୋତ୍ସାହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚାରିଟି ବ୍ଲକ ଯଥା ନୂଆଗାଁ, ବିଶ୍ରା, କୁଆଁରମୁଣ୍ଡା ଓ ଲାଠିକଟାରେ ଗ୍ରାମୀଣ ସ୍ତରରେ ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍ ଆୟୋଜନର ଦାୟିତ୍ୱ ଭାର ପ୍ରଦାନ କରାଗଲା । ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଫାଇନାଲ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ଶ୍ରେଷ୍ଠ ଦୁଇଟି ଦଳ ଭାଗ ନେଇଥିଲେ । ଅତିଥିମାନେ ବିଜେତା, ଉପବିଜେତା ଓ ଅଂଶଗ୍ରହଣକାରୀ ଦଳ ତଥା ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିବାବେଳେ ରନର୍ସ ଅପ ଦଳ ୮ ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଥିଲେ । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ମ୍ୟାଚ୍ ଅଫିସିଆଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।














Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/ 193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର